## ସଂକ୍ଷେପରେ

### ଗୋଛାପଡ଼ାରେ ନୂତନ ବ୍ଲକ ପ୍ରତିଷ୍ଠା ଦାବି

ଫିରିଙ୍ଗିଆ, ୨୮।୭: ଫିରଙ୍ଗିଆ ବ୍ଲକ ଏକ ବଡ଼ ବ୍ଲକ। ଏହି ବ୍ଲକରେ ୨୪ ପଞ୍ଚାୟତ ଥିବା ବେଳେ ଅଧିକାଂଶ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ। ତେଣୁ ଗୋଛାପଡାରେ ଏକ ନୂତନ ବ୍ଲକ ପ୍ରତିଷ୍ଠା ହେବା ଆବଶ୍ୟକ। ୧୨ ନଂ. ଜୋନ ଜିଲା ପରିଷଦ ସଭ୍ୟା ସାରତି ମଲ୍ଲିକ ଏହି ଦାବି କରଛନ୍ତି। ଏ ନେଇ ସେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ, ବିଧାୟକ ଓ ଜିଲାପାଳଙ୍କୁ ପତ୍ର ଲେଖିଛନ୍ତି। ସେଥିରେ ଦର୍ଶାଯାଇଛି ଯେ, ଜିଲାର ୧୨ ନଂ. ଜିଲା ପରିଷଦ ଜୋନ ମଧ୍ୟରେ ରହିଥିବା ଗୋଛାପଡା, ବାଲନ୍ଦାପଡା, ଲୁଇସିଂ, କୋଏରୁମାଣ୍ଡୁ, ପାହିରାଜୁ, ପକାରୀ, କାଣ୍ଡିବାଲି, ସଲାଗୁଡା, ପଲାବୃଡି, କାଣିନିପଦର ଆଦି ପଞ୍ଚାୟତ ଫିରିଙ୍ଗିଆ ବ୍ଲକ ସଦର ମହକୁମାରୁ ପ୍ରାୟ ୫୦ କିମି ଦୂରରେ ରହିଛି। କୌଣସି କାମରେ ବ୍ଲକକୁ ଯିବାକୁ ହେଲେ ଗୋଟିଏ ଦିନ ଲାଗି ଯାଉଛି। ତେଣୁ ଏହି ସବୁ ପଞ୍ଚାୟତକୁ ନେଇ ଗୋଛାପଡାଠାରେ ଏକ ନୂତନ ବ୍ଲକ ଗଠନ କରିବାକୁ ଜିଲା ପରିଷଦ ସଭ୍ୟା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ଉପରୋକ୍ତ ଅଞ୍ଚଳରୁ ଫୁଲବାଣୀ ଓ ଫିରିଙ୍ଗିଆଠାରେ ଥିବା କଲେଜ ମଧ୍ୟ ଅନେକ ଦୂର। ତେଣୁ ଗୋଛାପଡାଠାରେ ଏକ କଲେଜ, ବାଲନ୍ଦାପଡା ଠାରେ ଏକ ବ୍ୟାଙ୍କ, କାଣ୍ଡିବାଲି ଠାରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ କୋଏରୁମାଣ୍ଡୁ ଠାରୁ ବାରାହାଲା, କାଣ୍ଡିବାଲିଠାରୁ କଡିସରୁ, ପକାରୀଠାରୁ ସାର୍ତ୍ତାଗୁଡା, କାଣ୍ଡିବାଲି ଠାରୁ ପାହିରାଜୁ, ଦିନାବାଲି ଠାରୁ କାଣିବାଲି, ତରଗାଁବାଲି ଠାରୁ ଫିରିଙ୍ଗିଆ ଆଦି ରାସ୍ତା ନିର୍ମାଣ ଏବଂ ଏସବୁ ଅଞ୍ଚଳରେ ମୋବାଇଲ ଟାୱାର ବସାଇବା ପାଇଁ ମଧ୍ୟ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### କଳିଙ୍ଗ ଆଦର୍ଶ ବିଦ୍ୟାଳୟରେ ଚାରା ରୋପଣ

ଖଜୁରିପଡ଼ା,୨୮।୭(ଡି.ଏନ୍.ଏ.): ଖଜୁରିପଡ଼ା ବ୍ଲକ ଆରନ୍ନାଗାଁ ଗ୍ରାମପଞ୍ଚାୟତ କଳିଙ୍ଗ ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ଭାରପ୍ରାପ୍ତ ଅଧକ୍ଷ ସରୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୨୮୦ ଚାରାରୋପଣ କରାଯାଇଥିଲା। ଜବାହାର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ ଓ କଳିଙ୍ଗ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ମଙ୍ଗଳ ବିଭାଗ ଅଧିକାରୀ ଶେଷଦେବ ବେହେରା ଯୋଗଦେଇଥିଲେ। ଅତିରିକ୍ତ ଜିଲା ମଙ୍ଗଳ ବିଭାଗ ଅଧିକାରୀ ଅରବିନ୍ଦ ରାୟ ଓ ଜୀବନ କୌଶଳୀ ଜିଲା ସଂଯୋଜକ ଗୋପାଳକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜବାହାର ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ର ସଂଘର ସୁର ପ୍ରସାଦ ନାଏକ, ହେମନ୍ତ କୁମାର କହଁର, ନୀଳାମ୍ବର ଦିଗାଲ, ଶକୁନ୍ତଳା ମହାକୁଡ଼ ପ୍ରମୁଖ ଚାରାରୋପଣ କରିଥିଲେ।



### ମାଓବାଦୀଙ୍କ ଶହୀଦ ସପ୍ତାହ ଆରମ୍ଭ

# ସରକାରୀ ବସ୍ ବନ୍ଦ, ଯାଞ୍ଚ କଡ଼ାକଡ଼ି

ଦାରିଙ୍ଗବାଡ଼ି/ବାଲିଗୁଡ଼ା, ୨୮।୭(ଡି.ଏନ.ଏ.)

ମାଓବାଦୀଙ୍କ ଶହୀଦ ସପ୍ତାହ ରବିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ କନ୍ଧମାଳ ଜିଲାରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନକୁ ନେଇ ସୁରକ୍ଷା ଦୃଷ୍ଟିରୁ ଓଏସ୍ଆରଟିସି(ଓଡିଶା ରାଜ୍ୟ ସଡକ ପରିବହନ ନିଗମ) ପକ୍ଷରୁ କନ୍ଧମାଳରେ ଯାତାୟତ କରୁଥିବା ବସ୍ ଗୁଡିକୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦାରିଙ୍ଗବାଡ଼ିଠାରୁ ଭଞ୍ଜନଗର, ବ୍ରାହ୍ମଣୀଗାଁ, କାଟିଙ୍ଗିଆ, ହାତିମୁଣ୍ଡାଠାରୁ ଫୁଲବାଣୀକୁ ବସ ଚଳାଚଳ ବନ୍ଦ ରହିଛି। ସେହିପରି ବାଲିଗୁଡା ଦେଇ ଯାଉଥିବା ସମସ୍ତ ସରକାରୀ ବସ ଚଳାଚଳ ବନ୍ଦ ରହିଛି। ବାଲିଗୁଡା ଦେଇ ଯାଉଥିବା ଫୁଲବାଣୀରୁ ବେଲଘର, ଲଣ୍ଡାଗାଁ, ଲଙ୍କାଗଡ଼, ଜୟପୁର ଓ ଭୁବନେଶ୍ୱରଠାରୁ ଭବାନୀ ପାଟଣା, କୋରାପୁଟ ସୁନାବେଡା ଯାଉଥିବା ଉଭୟ ପଟର ବସ ଯାତାୟତକୁ ଓଏସ୍ଆର୍ଟିସି ପକ୍ଷରୁ ସପ୍ତାହ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଥିବା ସ୍ଥାନୀୟ ଶାଖା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ତେବେ ଘରୋଇ ବସଗୁଡିକ ଯାତାୟତ କରୁଛି। ଦାରିଙ୍ଗବାଡି ଅଞ୍ଚଳରେ କୌଣସି ସ୍ଥାନରେ ମାଓବାଦୀଙ୍କ ପକ୍ଷରୁ ପୋଷ୍ଟର ଲାଗି ନ ଥିବା ବେଳେ ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ ପୋଷ୍ଟର ମାରି ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସେପଟେ ପୋଲିସ ପକ୍ଷରୁ ଦିନରାତି ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଯାନବାହନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଗତବର୍ଷ ମାଓବାଦୀଙ୍କ ଶହୀଦ ସପ୍ତାହ ପାଳନ ବେଳେ ପୋଲିସ ପକ୍ଷରୁ ଜନସଚେତନତା ପାଇଁ ମାଓବାଦୀଙ୍କ କାର୍ଯ୍ୟକଳାପ ବେଆଇନ ଭାବେ ଦର୍ଶାଯାଇ ପୋଷ୍ଟର ଛପାଯାଇଥିବା ବେଳେ ଚଳିତଥର ଦାରିଙ୍ଗବାଡି ଅଞ୍ଚଳରେ ମାଓବାଦୀ କିମ୍ବା ପୋଲିସ ପକ୍ଷରୁ ପୋଷ୍ଟର ୱାର ହୋଇନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ୨୦୧୭ ସେପ୍ଟେମ୍ବର ୨୧ରେ ମାଓବାଦୀଙ୍କ ପକ୍ଷରୁ ପୋଷ୍ଟର ଉକ୍ତ ଥାନା ବୁଡାଗୁଡ଼ା ଛକରେ ଲଗାଯାଇ ନିଜ ଉପସ୍ଥିତି ଜାହିର କରିଥିବା ବେଳେ ପକାଲଡାମି ଘାଟିରେ ଚଳିତବର୍ଷ ଜାନୁଆରୀ ୩୧ରେ ଭାରତ ବନ୍ଦ ଡାକରାକୁ ସଫଳ କରିବାକୁ ଓଡ଼ିଶା ରାଜ୍ୟ କମିଟି ସିପିଆଇ ମାଓବାଦୀ ପକ୍ଷରୁ ମାଓପୋଷ୍ଟର ଲଗାଇ ଉପସ୍ଥିତି ଜାହିର କରାଯାଇଥିଲା। ସେହିଦିନ ଠାରୁ ଅଦ୍ୟାବଧି ମାଓବାଦୀଙ୍କ କୌଣସି ପୋଷ୍ଟର ଲାଗି ନ ଥିବା ଜଣାପଡ଼ିଛି। ତେବେ ଅଞ୍ଚଳରେ ଦାରିଙ୍ଗବାଡ଼ି ଏବଂ ବ୍ରାହ୍ମଣୀଗାଁ ପୋଲିସ ପକ୍ଷରୁ ଯାନବାହନ କଡ଼ାକଡ଼ି ଭାବେ ଯାଞ୍ଚ କରାଯାଉଛି।



ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ ମାଓବାଦୀଙ୍କ ପକ୍ଷରୁ ଲଗାଯାଇଥିବା ପୋଷ୍ଟର।


ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗାଡ଼ି ଯାଞ୍ଚ କରାଯାଉଛି।

### ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ ଲାଗିଲା ପୋଷ୍ଟର

ଫିରିଙ୍ଗିଆ, ୨୮।୭

ମାଓବାଦୀମାନେ ରବିବାରଠାରୁ ପାଳନ କରୁଛନ୍ତି ଶହୀଦ ସପ୍ତାହ। ଏହି ସପ୍ତାହ ପାଳନକୁ ସଫଳ କରିବା ଲାଗି ସେମାନେ ପୋଷ୍ଟର ମାଧ୍ୟମରେ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଜିଲାର ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା ବାଲନ୍ଦାପଡାର ପାହିରାଜୁ, କୋଏରମାଣ୍ଡୁ–ବାରାହାଲା ରାସ୍ତାରେ ମାଓବଦୀମାନେ ବ୍ୟାନର ଲଗାଇଛନ୍ତି। ଏଥିରେ ୨୮ ଜୁଲାଇରୁ ଅଗଷ୍ଟ ୩ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ଏହି ଶହୀଦ ସପ୍ତାହରେ ସମସ୍ତେ ସାମିଲ ହୁଅନ୍ତୁ। ଏବେ ସରକାର ଫାଶିବାଦୀ ଦମନ ଚଳାଇଛନ୍ତି। ଏହାକୁ ସମସ୍ତେ ମିଳିମିଶି ବିରୋଧ କରିବା ଦରକାର। ନୂଆ ସମାଜ ତଥା ଗଣତନ୍ତ୍ର ଗଢ଼ିବା ଆଦି ପୋଷ୍ଟରେ ଲେଖାଯାଇଛି। ତଳେ କେକେବିଏନ୍ (କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ) ଡିଭିଜନ ଭାକପା (ଭାରତଦୀୟ କମ୍ୟୁନିଷ୍ଟ ପାର୍ଟି) ବୋଲି ଉଲ୍ଲେଖ ରହିଛି। ଏହି ପୋଷ୍ଟର ଲାଗା ଯାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳି ଯାଇଛି। ଏ ନେଇ ଏସ୍ପି ପ୍ରତୀକ ଗୀତା ସିଂଙ୍କୁ ପଚାରିବାରୁ ଆମର ସମସ୍ତ ଥାନା ଫାଣ୍ଡି ଅଂଚଳରେ ପୋଲିସ ଏବଂ ଫୋର୍ସ ମୁତୟନ ରହଛନ୍ତି। ସହର ସମେତ ଅନ୍ୟାନ୍ୟ ଅଞ୍ଚଳରେ ନାକାବନ୍ଦୀ କରଯାଇ ଚେକିଂ କରାଯାଉଛି। ଜିଲା ପୋଲିସ ଏଥିନେଇ ସତର୍କ ରହିଛି। ଗାଡି ଚଳାଚଳ ସ୍ୱାଭାବିକ ଅଛି ବୋଲି କହିଛନ୍ତି।

# ଆମ ପୋଲିସ ପକ୍ଷରୁ ଫୁଟ୍‌ବଲ ମ୍ୟାଚ୍

ଫିରିଙ୍ଗିଆ, ୨୮।୭

ଫିରିଙ୍ଗିଆ ଥାନା ପୋଲିସ ପକ୍ଷରୁ ରବିବାର ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପଡିଆରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୋଲିସ ପକ୍ଷରୁ ଏକ ଫୁଟବଲ ମ୍ୟାଚ ଆୟୋଜନ କରାଯାଇଥିଲା। ଏଥିରେ ୮ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଫିରିଙ୍ଗିଆ ଏବଂ ସୁମରବନ୍ଧ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ସୁମରବନ୍ଧ ମ୍ୟାଚ ଜିତି ଚାମ୍ପିୟନ ହୋଇଥିଲା। କନ୍ଧମାଳ ଏସ୍ପି ପ୍ରତୀକ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିୟନ ଏବଂ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଫିରିଙ୍ଗିଆ ବ୍ଲକ ଅଧକ୍ଷ ଲାଲନନ୍ଦ ପ୍ରଧାନ, ସରପଞ୍ଚ ବିଶ୍ୱରଞ୍ଜନ କହଁର, କେଳାପଡା ସରପଞ୍ଚ ପ୍ରେମଶୀଳା ଝାଂକର, ସାମାଜିକ କର୍ମୀ ସରୋଜ ଚର୍ଚ୍ଚା, ସଞ୍ଜୟ ଦିଗାଲ, ସମିତି ସଭ୍ୟ ପ୍ରତାପ ସାହୁ, ବଣିକ ସଂଘର ଅଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ କାର୍ଯ୍ୟକ୍ରମ ପରିଚଳନା କରିଥିଲେ।


ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

### ରଟିଙ୍ଗିଆ ବିଦ୍ୟାଳୟର ୨୫ତମ ପ୍ରତିଷ୍ଠା ଦିବସ

ଜି.ଉଦୟଗିରି,୨୮।୭(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକ ରଟିଙ୍ଗିଆଠାରେ ରଟିଙ୍ଗିଆ ପଞ୍ଚାୟତ ହାଇସ୍କୁଲର ୨୫ତମ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁଙ୍କ ଅଧକ୍ଷତାରେ ହୋଇଥିବା ଉତ୍ସବରେ ଶ୍ରୀରାମପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲୋକ ବିହାରୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଳରାମ ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ବିଜୟ ନାୟକ, ଅଭିମନ୍ୟୁ ମଲିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟର ପ୍ରଥମ ସଭାପତି ବିଶ୍ୱନାଥ ନାୟକ ଓ ବିଦ୍ୟାଳୟକୁ ଭୂମିଦାନ କରିଥିବା ହରିଶ୍ଚନ୍ଦ୍ର ପ୍ରଧାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆମ ପୋଲିସ ବୈଠକ


ବରିଷ୍ଠ ହାବିଲଦାରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ରାଇକିଆ,୨୮।୭(ଡି.ଏନ୍.ଏ.)

ରାଇକିଆ ଥାନା ଅଭ୍ୟର୍ଥନା ଗୃହରେ ଶନିବାର ଆମ ପୋଲିସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ନରେଶ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ଲେଙ୍କା ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଇକିଆ ଅଞ୍ଚଳରେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ନ ଦେଇ ପଞ୍ଚାୟତସ୍ତରରେ ଲୋକ ପ୍ରତିନିଧିମାନଙ୍କ ସହଯୋଗରେ କିପରି ସଚେତନତା ସୃଷ୍ଟି କରାଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ମାନବ ଚାଲାଣ ରୋକିବାକୁ ଅଭିଭାବକମାନେ ଯତ୍ନବାନ ହେବା, ମଦ୍ୟପାନ ଯୋଗୁ ପାରିବାରିକ ଅଶାନ୍ତି ଓ ଦୁର୍ଘଟଣା ବଢୁଥିବାରୁ ସଚେତନତା ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ବରିଷ୍ଠ ହାବିଲଦାର ହେମନ୍ତ ପ୍ରଧାନଙ୍କୁ ମଧ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ, ସମିତିସଭ୍ୟ ମିନି ନାୟକ, ବେରେଡ଼ାକିଆ ସରପଞ୍ଚ ରଶ୍ମିତା ପ୍ରଧାନ, ମଣିକେଶ୍ୱର ସରପଞ୍ଚ ଭୂଷଣ ପ୍ରଧାନ, ଗୁମାମାହା ସରପଞ୍ଚ ବିଶିକେସନ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ନାଗରିକ ମଞ୍ଚ ସଭାପତି ସୁଶାନ୍ତ ଜେନା, ପୂଜା କମିଟି ସଭାପତି ନାରାୟଣ ମହାନ୍ତିଙ୍କ ସମେତ ବିଭିନ୍ନ ପଦାଧିକାରୀ ମତ ରଖିଥିଲେ।

# ନବୋଦୟ ବିଦ୍ୟାଳୟରେ ଚାରା ରୋପଣ

ଫୁଲବାଣୀ ଅଫିସ, ୨୮।୭

ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରତିଷ୍ଠା ଦିବସ ଉପଲକ୍ଷେ ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଡୁଡ଼ିପାଜୁସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫନୀ ବାତ୍ୟାରେ ବିଦ୍ୟାଳୟ ପରିସର କ୍ଷତିଗ୍ରସ୍ତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ରମାନେ ନିମ୍ବ, ପଣସ, ଆଦି ବିଭିନ୍ନ ପ୍ରଜାତିର ୫୫ଟି ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ଅଧକ୍ଷ ଶ୍ରୀକାନ୍ତ ରଥ, ସମ୍ମାନିତ ଅତିଥି ଭାବେ ଆଇନ ସେବା ପ୍ରାଧୀକରଣ ତରଫରୁ ସ୍ୱେଚ୍ଛାସେବୀ ସଂଗଠନ କଲ୍ୟାଣୀ ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଉଦ୍‌ଘାଟନର ୮ ମାସ ପରେ

# କାର୍ଯ୍ୟକ୍ଷମ ହେଲା ବାର୍ଦ୍ଧକ୍ୟ ଅନ୍ତଃବିଭାଗ

ଫୁଲବାଣୀ ଅଫିସ, ୨୮।୭

କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ୮ ମାସ ପୂର୍ବେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ବାର୍ଦ୍ଧକ୍ୟ ଅନ୍ତଃବିଭାଗ ଉଦ୍‌ଘାଟନ କରିଥିଲେ। ତାହା ପରଠୁ ଏହା ଅବ୍ୟବସ୍ଥା ଭିତରେ ପଡି ରହିଥିଲା। ବାର୍ଦ୍ଧକ୍ୟ ଅନ୍ତଃବିଭାଗକୁ ଖୋଲାଯାଉ ନ ଥିଲା। ଜିଲା ବରିଷ୍ଠ ନାଗରିକ ସଂଘ ତରଫରୁ ଏ ନେଇ ବାରମ୍ବାର ଅଭିଯୋଗ ପରେ ନିକଟରେ ଏହି ୱାର୍ଡକୁ କାର୍ଯ୍ୟକ୍ଷମ କରାଯାଇଛି। ସେଠାରେ ବରିଷ୍ଠ ନାଗରିକ ତଥା ବାର୍ଦ୍ଧକ୍ୟରେ ପୀଡ଼ିତ ୨ଜଣଙ୍କୁ ଚିକିତ୍ସା କରାଯାଉଛି।

୨୦୧୮ ଡିସେମ୍ବର ୧୫ରେ ବାର୍ଦ୍ଧକ୍ୟ ଅନ୍ତଃବିଭାଗ (ଜେରିଆଟ୍ରିକ ୱାଡ) ଉଦ୍‌ଘାଟନ ହୋଇଥିଲା। ଜିଲାର ବାର୍ଦ୍ଧକ୍ୟ ରୋଗଗ୍ରସ୍ତଙ୍କୁ ଏଠାରେ ଚିକିତ୍ସା ସେବା ଯୋଗାଇ ଦେବା ଉଦ୍ଦେଶ୍ୟ ଥିଲା। ହେଲେ ଉଦଘାଟନ ପରେ ଉକ୍ତ ୱାର୍ଡକୁ ତାଲା ପକାଇ ରଖାଯାଇଥିଲା। ମେଡିକାଲ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲା। ଜିଲା ବରିଷ୍ଠ ନାଗରିକ ସଂଘ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ବାରମ୍ବାର ଅବଗତ କରିଥିଲେ। ଶେଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାକୁ ଗୁରୁତ୍ୱ ଦେଇ ଏହି ୱାର୍ଡ ଖୋଲିଛନ୍ତି। ଏହି ୱାର୍ଡରେ ୫ ପୁରୁଷ ଓ ୫ ମହିଳା ଏପରି ମୋଟ ୧୦ ବେଡ ରହିଛି। ସେବା ଯୋଗାଇ ଦେବାକୁ ଡାକ୍ତର ଏବଂ ନର୍ସଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଜିଲା ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକ ପ୍ରଣବ କୁମାର ମଣ୍ଡଳ କହିଛନ୍ତି, ବାରମ୍ବାର ଅଭିଯୋଗ ପରେ ମେଡିକାଲ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସମୀର କୁମାର ଦାସ ଏହି ୱାର୍ଡ କାର୍ଯ୍ୟକାରୀ ହେଲା ବୋଲି କହି ୨ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି। ଜଟିଳ ପରିସ୍ଥିତିରେ ବାର୍ଦ୍ଧକ୍ୟ ଯନ୍ତ୍ରଣା ଭୋଗୁଥିବା ବୃଦ୍ଧାବୃଦ୍ଧଙ୍କୁ ସରକାରଙ୍କ ତରଫରୁ ଏଠାରେ ମାଗଣା ସେବା ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ମଣ୍ଡଳ କହିଛନ୍ତି।


ବାର୍ଦ୍ଧକ୍ୟ ଅନ୍ତଃବିଭାଗ ସମ୍ମୁଖରେ ମେଡିକାଲ କର୍ତ୍ତୃପକ୍ଷ।

### କଳିଙ୍ଗାରେ ଗାଡ଼ି ମାଲିକ ସଂଘ ବୈଠକ

ଜି.ଉଦୟଗିରି,୨୮।୭(ଡି.ଏନ.ଏ.)

ଜି.ଉଦୟଗିରି ନିକଟସ୍ଥ କଳିଙ୍ଗାଠାରେ ଶୁକ୍ରବାର କୁକୁଡ଼ା ପରିବହନ ଗାଡି ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାଜା ଦୋରା ଅଧ୍ୟକ୍ଷତା କରିଥିଲେ। ଜିଲା ଭିତରେ କୁକୁଡ଼ା ପରିବହନ କ୍ଷେତ୍ରରେ ଜିଲାର କୁକୁଡ଼ା ପରିବହନ ଯାନଗୁଡ଼ିକୁ ଅଗ୍ରାଧିକାର ଦେବା, କୁକୁଡ଼ାଗୁଡ଼ିକୁ ବୀମା ପରିସରଭୁକ୍ତ କରିବା, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କୁକୁଡ଼ାଗୁଡ଼ିକର ଆବଶ୍ୟକ କ୍ଷତିପୂରଣ ଦେବା ଆଦି ଦାବି ଉପରେ ବୈଠକରେ ଆଲୋଚନା ହୋଇଥିଲା। ଉପସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ କୁଳମଣି ରଣାଙ୍କ ସମେତ ବହୁ କୁକୁଡ଼ା ପରିବହନ ମଟର ମାଲିକ ଏବଂ ବ୍ୟବସାୟୀ ଯୋଗ ଦେଇଥିଲେ।

# ଆର୍‌ଟିଆଇ ସଂଶୋଧନକୁ ବିରୋଧ

ଫୁଲବାଣୀ ଅଫିସ, ୨୮।୭

କେନ୍ଦ୍ର ସରକାର ଆରଟିଆଇ ବିଲ୍ ସଂଶୋଧନ ଆଣି ଉଭୟ ସଦନରେ ପାରିତ କରିଛନ୍ତି। ହେଲେ ଏହା ଠିକ୍ ନୁହେଁ ବୋଲି ଆର୍‌ଟିଆଇ (ଜନ ସୂଚନା ଅଧିକାର) କର୍ମୀ କହିଛନ୍ତି। ଏହି କ୍ରମରେ ରବିବାର ଫୁଲବାଣୀର ସୂଚନା ଅଧିକାରୀ କର୍ମୀ ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରି ବଜାର ପେଟ୍ରୋଲ ପମ୍ପ ସମ୍ମୁଖରେ ବ୍ୟାନର ଧରି ଆର୍‌ଟିଆଇ ସଂଶୋଧନକୁ ବିରୋଧ କରିଛନ୍ତି। ଜନ ସୂଚନା ଅଧିକାର ଆଇନର ସମ୍ବିଧାନ ସଂଶୋଧନ କେନ୍ଦ୍ର ସରକାରଙ୍କ ଏକଚ୍ଛତ୍ରବାଦୀ ଶାସନର ନମୁନା। ସୂଚନା କମିଶନରଙ୍କୁ ନ୍ୟୁନ କରି ସରକାର ଆଇନକୁ ଦୁର୍ବଳ କରିବାର ଅପଚେଷ୍ଟାରୁ ନିବୃତ୍ତ ରହି ସୂଚନା ଅଧିକାରକୁ ଅଧିକ ସୁଦୃଢ଼ କଲେ ସମାଜର ମଙ୍ଗଳ ହେବ। ଦୁର୍ନୀତିଗ୍ରସ୍ତ ଅଫିସର, କର୍ମଚାରୀ ଦଣ୍ଡିତ ହେବେ ଏବଂ ଏକ ଉତ୍ତରଦାୟୀ ସ୍ୱଚ୍ଛ ପ୍ରଶାସନ ପ୍ରତିଷ୍ଠା ହୋଇପାରିବ ବୋଲି ଆର୍‌ଟିଆଇ କର୍ମୀ ଅଶୋକ ପରିଡା ପ୍ରକାଶ କରିଛନ୍ତି।



ଆରଟିଆଇ କର୍ମୀ ପ୍ରତିବାଦ ଜଣାଉଛନ୍ତି।

### ବ୍ୟବସାୟୀ ସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

ଜି.ଉଦୟଗିରି,୨୮।୭(ଡି.ଏନ.ଏ.)

ଜି.ଉଦୟଗିରି ବ୍ୟବସାୟୀ ସଂଘର ସାଧାରଣ ପରିଷଦ ବୈଠକ ଶୁକ୍ରବାର ସନ୍ଧ୍ୟାରେ ବ୍ୟବସାୟୀ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ସମୀର କୁମାର ପାଢ଼ୀ ଅଧକ୍ଷତା କରିଥିଲେ। ବୈଠକରେ ସହରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବ୍ୟବସାୟୀ ସଂଘ ଜି.ଉଦୟଗିରିକୁ ରାଜସ୍ୱ ସବଡିଭିଜନ କରିବା, ଖାଲିଥିବା ଡାକ୍ତର, ବିଶେଷଜ୍ଞ, ଅଧ୍ୟାପକ, ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଅନେକ ଥର ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ଦାବି ପୂରଣ ହୋଇନାହିଁ। ତେଣୁ ଉପରୋକ୍ତ ଦାବିଗୁଡ଼ିକ ସମେତ ଜି.ଉଦୟଗିରି ସହରକୁ ସରକାରୀ ବସ ଚଳାଚଳ, ପାନୀୟ ଜଳ ସମସ୍ୟାର ସମାଧାନ, ସରକାରୀ ଡାକ୍ତରଖାନାରେ ଅର୍ଦ୍ଧନିର୍ମିତ କ୍ୱାଟରଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଆଦି ଦାବି ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ଏକ ଦାବିପତ୍ର ଆସନ୍ତା ମଙ୍ଗଳବାର ପ୍ରଦାନ କରାଯିବ। ଅତିଶୀଘ୍ର ଏହିସବୁ ଦାବି ପୂରଣ ନ ହେଲେ ବ୍ୟବସାୟୀ ସଂଘ ପୁଣି ଆନ୍ଦୋଳନ କରାଯିବା ବୋଲି ସଂଘର ସଭାପତି କହିଛନ୍ତି। ସଂଘର ଉପସଭାପତି ମନୋଜ କୁମାର ମହାପାତ୍ର, ସମ୍ପାଦକ ସନ୍ତୋଷ କୁମାର ଆଚାର୍ଯ୍ୟ, କୋଷାଧକ୍ଷ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ସ୍ୱାଧୀନତା ଦିବସ ପାଇଁ ତର୍କ ପ୍ରତିଯୋଗିତା। ସ୍ଥାନ-ଉପଜିଲାପାଳଙ୍କ କାର୍ଯ୍ୟାଳୟ। ସମୟ-ସକାଳ ୮ଟା ।
- ସୂଚନା ଅଧିକାର ଆଇନ୍ ସଂଶୋଧନ ପ୍ରତିବାଦରେ ବିକ୍ଷୋଭ। ସ୍ଥାନ-ଖଲ୍ଲିକୋଟ କଲେଜ ରାସ୍ତା । ସମୟ-ପୂର୍ବାହ୍ନ ୧୧ଟା ।

## ■ଗଞ୍ଜାମରେ ବ୍ୟାପୁଛି କାମଳ ରୋଗ
# ୨୦୧୬ରୁ ୫୪୯ ଆକ୍ରାନ୍ତ

ବ୍ରହ୍ମପୁର ଅଫିସ୍,୨୮।୭

ଗଞ୍ଜାମ ଜିଲାରେ କାମଳ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହା ମହାମାରୀ ରୂପ ନେଇ ନ ଥିଲେ ମଧ୍ୟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାଜନକ ହୋଇଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୬ରେ ଜିଲାରେ ୧୧୩ ହେପାଟାଇଟିସ୍-ବି ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୧୭ରେ ୧୭୨, ୨୦୧୮ରେ ୧୯୩ ଏବଂ ୨୦୧୯ ଜୁଲାଇ ଶେଷ ସୁଦ୍ଧା ୭୧ ରୋଗୀ ଚିହ୍ନଟ ହୋଇଛନ୍ତି । କାମଳ ରୋଗ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ରବିବାର ବିଶ୍ୱ କାମଳ ରୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ଆଇଇସି ହଲ୍‌ରେ ପହଞ୍ଚିଥିଲା । ସେଠାରେ ଏକ ସଭା ଆୟୋଜିତ ହୋଇଥିଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ସେ କହିଥିଲେ, କାମଳ ଏକ ଭୂତାଣୁ ଜନିତ ରୋଗ । ପ୍ରାରମ୍ଭିକ ପର୍ଯ୍ୟାୟରୁ ହିଁ ଏହାକୁ ଚିହ୍ନଟ କରିବା ସହ ଉପଯୁକ୍ତ ଚିକିତ୍ସା କରିପାରିଲେ, ରୋଗରୁ ମୁକ୍ତି ମିଳିବ। କାମଳ ରୋଗ ପାଞ୍ଚ ପ୍ରକାରର। ସେଥିରୁ ହେପାଟାଇଟିସ୍-ଏ ଏବଂ ଇ ସାମୟିକ ଏବଂ ତ୍ୱରିତ ଚିକିତ୍ସାର ଆବଶ୍ୟକତା ରହିଥାଏ। ହେଲେ ହେପାଟାଇଟିସ୍-ବି, ସି ଏବଂ ଡି ହେଉଛି ମରାତ୍ମକ। ରୋଗୀଙ୍କ ଜୀବନ ମଧ୍ୟ ଚାଲିଯିବାର ସମ୍ଭାବନା ରହିଥାଏ। ଗଞ୍ଜାମ ଜିଲାରେ ଏହି ରୋଗକୁ ନିୟନ୍ତ୍ରଣରେ ରଖିବା ପାଇଁ ବ୍ୟାପକ ଚିହ୍ନଟ କାର୍ଯ୍ୟକ୍ରମ କରାଯିବ। ଗର୍ଭାବସ୍ଥାରେ ଯେମିତି ଏଚ୍‌ଆଇଭି ପରୀକ୍ଷା କରାଯାଉଛି, ଏଣିକି ହେପାଟାଇଟିସ୍ ମଧ୍ୟ ପରୀକ୍ଷା କରାଯିବ ବୋଲି ସେ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଭୂତାଣୁ ବାହିତ) ଡା. ଆର୍. ଜଗଦୀଶ ପଟ୍ଟନାୟକ କହିଥିଲେ, ଟି.ବି ପରେ ଦ୍ୱିତୀୟ ମାରାତ୍ମକ ରୋଗ ହେଉଛି କାମଳ । କିନ୍ତୁ ଏହାକୁ ସାଧାରଣରେ ଅତି ହାଲ୍‌କା ଭାବେ ନିଆଯାଇଥାଏ । କାମଳ ରୋଗ ଦ୍ୱାରା ମନୁଷ୍ୟର ଯକୃତ ପ୍ରଭାବିତ ହୋଇଥାଏ । ସଂକ୍ରମିତ ଖାଦ୍ୟ, ଦୂଷିତ ପାନୀୟ ଜଳ ଏବଂ ଦୂଷିତ ହାତ ଦ୍ୱାରା ଏହା ବ୍ୟାପିଥାଏ । ଅନେକ କିନ୍ତୁ ରୋଗର ଲକ୍ଷଣ ସମ୍ପର୍କରେ ଜାଣିପାରନ୍ତି ନାହିଁ। ଅବହେଳା ଦ୍ୱାରା ମୃତ୍ୟୁ ମୁଖରେ ପଡ଼ନ୍ତି । ଆଖି, ନଖ, ଚର୍ମ ଓ ପରିସ୍ରା ହଳଦିଆ ଦେଖାଦେବା, ଭୋକ ନ ଲାଗିବା, ପେଟର ଡାହାଣ ପାର୍ଶ୍ୱର ଉପରିଭାଗ ଫୁଲିବା ଓ ଦରଜ ହେବା ଏବଂ ଥକ୍କା ଅନୁଭବ ପ୍ରମୁଖ କାମଳ ରୋଗର ଲକ୍ଷଣ । ତୁରନ୍ତ ରକ୍ତ ପରୀକ୍ଷା କରାଇବା ଆବଶ୍ୟକ । ଗଞ୍ଜାମ ଜିଲାରେ ଏହି ରକ୍ତ ପରୀକ୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ମେଡ଼ିକାଲ୍ କଲେଜରେ ମାଗଣାରେ ହୋଇପାରୁଛି। ସ୍ୱଚ୍ଛତା ଅବଲମ୍ବନ କରିବା, ସ୍ୱଚ୍ଛ ଖାଦ୍ୟ ଗ୍ରହଣ ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା କାମଳ ରୋଗକୁ ଦୂରେଇ ରଖାଯାଇପାରିବ ବୋଲି ସେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଜନସ୍ୱାସ୍ଥ୍ୟ) ଡା. ହିମାଂଶୁବାଳା ପଟ୍ଟନାୟକ, ଏବଂ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡା. ଅବନୀ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ସଚେତନତା ଶୋଭାଯାତ୍ରାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

## ୩୧ନଂ. ୱାର୍ଡରେ ଏମ୍‌ପି, ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ୍,୨୮।୭:** ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ ପଣ୍ଡାଙ୍କୁ ମହାନଗର ନିଗମ ୩୧ନଂ. ୱାର୍ଡ ବାସିନ୍ଦାଙ୍କ ପକ୍ଷରୁ ରବିବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। କମାପଲ୍ଲୀ ବୈଦ୍ୟନାଥେଶ୍ୱର ପୀଠରେ ଆୟୋଜିତ ସମାରୋହରେ ପୂର୍ବତନ ବିଜେଡି କର୍ପୋରେଟର ସୁରେନ୍ଦ୍ର ମହାରଣା ଅଧ୍ୟକ୍ଷତା କରିଥିଲେ। ପଙ୍କ, ମାଟି ଓ ଅନାବନା ଲଟାବୁଦାରେ ପୋତି ହୋଇଯାଇଥିବା କମାପଲ୍ଲୀ ପୋଖରୀର ପୁନରୁଦ୍ଧାର କରାଯିବା ସହ ୱାର୍ଡର ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଲାଗି ଏମ୍‌ପି ଓ ବିଧାୟକ ପଦକ୍ଷେପ ନେବା ପାଇଁ ଦାବି କରାଯାଇଥିଲା। ସମ୍ବର୍ଦ୍ଧନା ଉତ୍ତରରେ ଚନ୍ଦ୍ରଶେଖର କହିଥିଲେ, ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରର ସର୍ବାଙ୍ଗୀନ ବିକାଶ ପ୍ରତି ରାଜ୍ୟ ସରକାର ଓ ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଇଛନ୍ତି। ତେଣୁ ଅଞ୍ଚଳବାସୀଙ୍କ ସବୁ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି ବିଧାୟକ ବିକ୍ରମ ସୂଚାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକ, ତ୍ରିପତି ପାତ୍ର, ସମବାୟ ଭଣ୍ଡାର ସଭାପତି ସୁଧୀର କୁମାର ରାଉତ, ମହାନଗର ବିଜେଡି ସଭାପତି ବିଜୟ ଚନ୍ଦ୍ର ସାମଲ ଉଦ୍‌ବୋଧନ ଦେଇଥିଲେ । ଅଞ୍ଚଳର ଯୁବ ନେତା ସନ୍ତୋଷ ପାତ୍ରଙ୍କ ସମେତ ଶିବ ପାତ୍ର, ଅଭିମନ୍ୟୁ ନାୟକ, କାଳୁ ଚରଣ ମହାରଣା, ଅସିତ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ଏନ. ଧନଞ୍ଜୟ ରାଓ ଏବଂ ତାଙ୍କ ଟିମର କର୍ମକର୍ତ୍ତା ଓ କର୍ମୀମାନେ ଦୁଇ ନେତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ନାଟକରେ ଅପସଂସ୍କୃତି, ଅଶ୍ଳୀଳତାକୁ ବିରୋଧ

ବ୍ରହ୍ମପୁର ଅଫିସ୍,୨୮।୭

ଗଞ୍ଜାମ ଜିଲା ଲୋକ ନାଟକ ନିର୍ଦ୍ଦେଶକମାନଙ୍କୁ ନେଇ ଗଠିତ ମା' କୁରେଇଶୁଣି ଲୋକକଳା ନାଟ୍ୟ ନିର୍ଦ୍ଦେଶକ ସଂଘ କାର୍ଯ୍ୟକାରିଣୀ କମିଟି ବୈଠକ ସ୍ଥାନୀୟ ଚମାଖଣ୍ଡି ସୀତାନଗର କାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜି.ରାଜେନ୍ଦ୍ର ରେଡ୍ଡୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସୀମାନ୍ତ ନଟରାଜ ତିରୁପତି ସାହୁ, ମୁଖ୍ୟବକ୍ତା ତଥା ମଞ୍ଜୁଜ୍ୟୋତି ସମ୍ପାଦକ ନୃତ୍ୟାଚାର୍ଯ୍ୟ ସୁବାସ ଚନ୍ଦ୍ର ସାହୁ ରୋଶନ ଏବଂ ସମ୍ମାନିତ ଅତିଥି ନାଟ୍ୟକାର ଯୁଧିଷ୍ଠିର ଭଞ୍ଜସାମନ୍ତ ଯୋଗ ଦେଇଥିଲେ। ପୂର୍ବରୁ ଗଞ୍ଜାମ ଜିଲାର କୋଣଅନୁକୋଣରେ ମଞ୍ଚସ୍ଥ ହେଉଥିବା ନାଟକଗୁଡ଼ିକରେ ମାଟିର ମହକ ଏବଂ ଲୋକକଳାର ଝଲକ ଦେଖିବାକୁ ମିଳିଥିଲା । ଧୀରେ ଧୀରେ ଅପସଂସ୍କୃତି ଏବଂ ଅଶ୍ଳୀଳତାର ପ୍ରବେଶ ହେଲା । ଫଳରେ ନାଟକ ଏହାର ମର୍ଯ୍ୟାଦା ହରାଇଛି। ଏଣୁ ପୁଣି ଥରେ ପୂର୍ବ ଗୌରବ ତଥା ଅପସଂସ୍କୃତି ଓ ଅଶ୍ଳୀଳତା ବିହୀନ ନାଟକ ପରିବେଷଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କେବଳ ନିର୍ଦ୍ଦେଶକଙ୍କୁ ନେଇ ଦୁଇଟି ନାଟକ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ହୋଇଥିଲା । ଉଦୟନାଥ ମହାରଣା, ଧର୍ମରାଜ ସ୍ୱାଇଁ, ରମେଶ ଚନ୍ଦ୍ର ସ୍ୱାଇଁ, ସଞ୍ଜୟ ବିଷୋୟୀ, ସକଳେଶ୍ୱର ରାଉଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୀମାଞ୍ଚଳ ବାଡ଼ତ୍ୟା, ଗୋପାଳ ସେଠୀ ଓ ପିଣ୍ଟୁ ମହାପାତ୍ର ସହଯୋଗ କରିଥିଲେ । ସଂଘ ସମ୍ପାଦକ ପ୍ରତାପ ପ୍ରଧାନ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ । ଆସନ୍ତା ୩୧ତାରିଖରେ ଖଲ୍ଲିକୋଟସ୍ଥିତ ସକଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହେବାକୁ ଥିବା ସଂଘ ସାଧାରଣ ବୈଠକରେ ସଦସ୍ୟମାନେ ଯୋଗଦେବାକୁ ଆଲୋଚନା ହୋଇଥିଲା ।

## ୫୦ୟୁନିଟ୍ ରକ୍ତ ସଂଗ୍ରହ

ବ୍ରହ୍ମପୁର ଅଫିସ୍,୨୮।୭

ଭାବାନଗର ସ୍ଥିତ ଆସ୍ଥା ହସ୍ପିଟାଲର କର୍ମକର୍ତ୍ତା ଏବଂ ଉଇ ଲଭ ୟୁ ଫାଉଣ୍ଡେଶନ ତରଫରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ବିଜେଡ଼ି ନେତା ସୁରେନ୍ଦ୍ର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ କର୍ମକର୍ତ୍ତା ବି. ତ୍ରିନାଥ, ଏସ୍. ତ୍ରିପତି ପାତ୍ର, କିଶୋର କୁମାର ଏବଂ ସମ୍ବିତ ସିଂଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଶବର ବନ୍ଧୁ ପକ୍ଷରୁ ରକ୍ତଦାନ ଶିବିର

ବ୍ରହ୍ମପୁର ଅଫିସ୍,୨୮।୭

ଗଞ୍ଜାମ ଏବଂ ଗଜପତି ଜିଲା ଶବର ବନ୍ଧୁ ପକ୍ଷରୁ ଏକ ରକ୍ତଦାନ ଶିବିର ବଡ଼ ମେଡ଼ିକାଲ୍ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୬୬ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ସଂଗଠନ ସଭାପତି ତଥା ଆୟକର ବିଭାଗ ଉପଆୟୁକ୍ତ ତ୍ରିନାଥ କାର୍ଜି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ତଥା ସଂଗଠନର ସମ୍ପାଦକ ସୁଦାମ ଚରଣ ମଣ୍ଡଳ, ପରିବହନ ଏବଂ ଯୋଗାଯୋଗ ବିଭାଗ ସ୍ୱତନ୍ତ୍ର ସଚିବ ତଥା ଉପଦେଷ୍ଟା ଅଶୋକ କୁମାର ଭୂୟାଁ, ଅର୍ଜୁନ କୁଡୁମ୍ବଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ । ଶିକ୍ଷା, ସ୍ୱାସ୍ଥ୍ୟରେ ଉନ୍ନତି ଏବଂ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ସହ ଶବରଙ୍କ ଭାଷାର ସଂରକ୍ଷଣ ଲକ୍ଷ୍ୟ ନେଇ ଏହି ସଂଗଠନ ତିଆରି ହୋଇଛି । ଏହି ଅବସରରେ ମେଧାବୀ ଶବର ସମ୍ପ୍ରଦାୟର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶବର ସମ୍ପ୍ରଦାୟର ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।


ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

## ■ସିନିୟର ସିଟିଜେନ୍ ଫୋରମ୍‌ର ତ୍ରୟୋବାର୍ଷିକ ସମ୍ମିଳନୀ
# ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ବ୍ୟବହାର କରନ୍ତୁ ସରକାର

ବ୍ରହ୍ମପୁର ଅଫିସ୍,୨୮।୭

ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର୍ ସିଟିଜେନ ଫୋରମର ୧୫ତମ ତ୍ରୟୋବାର୍ଷିକ ସମ୍ମିଳନୀ ସ୍ଥାନୀୟ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ରାସବିହାରୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ପ୍ରଫେସର ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମୁଖ୍ୟଅତିଥି ଏବଂ ପୂର୍ବତନ ରାଜ୍ୟସଭା ସଚିବ ସତ୍ୟନାରାୟଣ ସାହୁ ମୁଖ୍ୟବକ୍ତା, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଏମ୍‌କେସିଜି ମେଡ଼ିକାଲ୍ କଲେଜ ଡିନ୍ ତଥା ଅଧ୍ୟକ୍ଷ ଡା. ରାଧାମାଧବ ତ୍ରିପାଠୀ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଫୋରମ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ଡା. ପି.କେ. ଦାସ, କାର୍ଯ୍ୟକାରୀ ସଭାପତି ଡା. କୃପାସିନ୍ଧୁ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଦେଶର ଉନ୍ନତିରେ ବରିଷ୍ଠ ନାଗରିକଙ୍କ ଭୂମିକା ଆବଶ୍ୟକ। ସେମାନଙ୍କ ଅଭିଜ୍ଞତାକୁ ଯଦି ସରକାର ବ୍ୟବହାର କରିପାରନ୍ତେ, ତେବେ ସମାଜର ବହୁ ଉନ୍ନତି ହୋଇପାରନ୍ତା ବୋଲି ଅତିଥିମାନେ କହିଥିଲେ। ଫୋରମ୍ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବସ୍ ଷ୍ଟପେଜ୍ ସ୍ଥାନରେ ପରିସ୍ରାଗାର, ବ୍ରହ୍ମପୁର- ପୁରୀକୁ ସ୍ୱତନ୍ତ୍ର ଟ୍ରେନ୍, ପେନ୍‌ସନ୍ ବୃଦ୍ଧି, ବଡ଼ ମେଡ଼ିକାଲ୍‌ରେ ସ୍ୱତନ୍ତ୍ର ୱାର୍ଡ଼, ଭେଣ୍ଟିଲେଟର୍ ଏବଂ ଆଇସିୟୁ ସ୍ଥାପନ ପାଇଁ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଓ ଖବରଦାତା ସୁଦୀପ ସାହୁଙ୍କ ସମେତ ୮୦ବର୍ଷ ଅତିକ୍ରମ କରିଥିବା ୩ସଦସ୍ୟ ଓ କାର୍ଯ୍ୟକାରୀ ସଭାପତି ପ୍ରଫେସର ଜୟନ୍ତ କୁମାର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଅଭିଯୋଗ ପ୍ରକୋଷ୍ଠ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ମହାରଣା, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ନରସିଂହ ସାହୁ, ଡି. ଆପ୍ପା ରାଓ, ରବୀନ୍ଦ୍ର କୁମାର ମହାରଣା, ପ୍ରଶାନ୍ତ କୁମାର ମହାପାତ୍ର, ନରସିଂହ ପାଣିଗ୍ରାହୀ, ଡା. ଚନ୍ଦ୍ରମଣି ସ୍ୱାଇଁ, ନିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ପଣ୍ଡା, ଶିଶିର ସାହୁ, ବିନୋଦ ଚନ୍ଦ୍ର ଜେନା, ଶ୍ରୀବସ୍ତ ଦଳାଇ, ବଂଶୀଧର ପାଳ, ଜୟନ୍ତୀଲାଲ୍ ଚୌହାନ, ହନକ କୁମାର ସାହୁ, ଏମ୍.ଏମ୍. ପରିଚ୍ଛା, ଗୌରୀ ଶଙ୍କର ଦାସ, ରବୀନ୍ଦ୍ରନାଥ ପ୍ରଧାନ, ଦେବରାଜ କାଠିଆ ପ୍ରମୁଖ ପରିଚାଳନା କରିଥିଲେ ।


ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ସ୍ୱର୍ଣ୍ଣକାର ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

**ବ୍ରହ୍ମପୁର ଅଫିସ୍,୨୮।୭:** ବ୍ରହ୍ମପୁର ସ୍ୱର୍ଣ୍ଣକାର ସଂଘ ଏବଂ ବୀର ବ୍ରହ୍ମେନ୍ଦ୍ର ସ୍ୱାମୀ ମନ୍ଦିର ଭକ୍ତି ସମିତି ପକ୍ଷରୁ ସାଧାରଣ ସଭା ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବୟୋଜ୍ୟେଷ୍ଠ ସ୍ୱର୍ଣ୍ଣକାର ବ୍ରହ୍ମଶ୍ରୀ ତାଳାଭକ୍କୁଲା ବୀରାଚାରୀ, ବ୍ରହ୍ମଶ୍ରୀ ବୈଠାରୁ ରାମରାଜୁ ଆଚାରୀ ଏବଂ ବ୍ରହ୍ମଶ୍ରୀ ଚିତ୍ରାଡ଼ା ମୋହନରାଓ ଆଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ଦିଲ୍ଲୀ ଆଇଆଇଟିରେ ବି.ଟେକ୍ ପଢୁଥିବା ରାମସାଇ ଏବଂ ପୱନ୍ କୁମାରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ସଂଘର ସମସ୍ତ ସଭ୍ୟ ଏଥିରେ ଉପସ୍ଥିତ ଥିଲେ। ସଂଘ ସଭାପତି କେ.ସର୍ବେଶ୍ୱର ରାଓ ଆଚାରୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ବି.ବିଶ୍ୱେଶ୍ୱର ରାଓ ଆଚାରୀ ପରିଚାଳନା କରିଥିଲେ ।

## ଛେଳି ଚୋର ସନ୍ଦେହ: ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

**ଆସିକା,୨୮।୭(ଡି.ଏନ୍.ଏ):** ଗାଙ୍ଗପୁର ଥାନା ପଳାସପଲ୍ଲୀ ଗ୍ରାମରେ ରବିବାର ପୂର୍ବାହ୍ନରେ ସାଇକଲରେ ବୁଲି ମାଂସ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କୁ ଛେଳି ଚୋର ସନ୍ଦେହରେ ଗ୍ରାମବାସୀ ପୋଲିସ ଜିମା ଦେଇଛନ୍ତି। ଗତ ଶନିବାର ରାତିରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୁହାଳରୁ ଗୋଟିଏ ଛେଳି ଓ ବୋଦା ଚୋରି ହୋଇଥିଲା। ଏହାର ମାଂସ କାଟି ସମ୍ପୃକ୍ତ ବ୍ୟକ୍ତି ବିକ୍ରି କରୁଥିବା ଗ୍ରାମବାସୀ ସନ୍ଦେହ କରି ତାଙ୍କୁ ଧରିଥିଲେ। ଏଥିସହ ସେହି ଗ୍ରାମର ବିଭିନ୍ନ ସ୍ଥାନରୁ ଦୁଇଟି ଚନ୍ଦନ ଗଛ ଓ ଗୋଟିଏ ଘରର ଦୁଇଟି ଶାଗୁଆନ କବାଟ ମଧ ଚୋରି ହୋଇଥିବା ଗ୍ରାମାବାସୀ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ଗାଙ୍ଗପୁର ପୋଲିସକୁ ପଚାରିବାରୁ ପଳାସପଲ୍ଲୀ ଗ୍ରାମବାସୀ ଜଣେ ବ୍ୟକ୍ତିଙ୍କୁ ଆଣି ଥାନାରେ ଦେଇଛନ୍ତି। ଘଟଣାର ତଦନ୍ତ କରାଯାଉଥିବା ଥାନାଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି।

# ବିପଦ ସୃଷ୍ଟି କରୁଛି ହଷ୍ଟେଲ କୋଠା

ବ୍ରହ୍ମପୁର ଅଫିସ୍,୨୮।୭

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**
- ■ଚରମ ସୀମାରେ କର୍ତ୍ତୃପକ୍ଷଙ୍କ ଅବହେଳା
- ■ଜରଜୀର୍ଣ୍ଣ ଅବସ୍ଥାରେ ବଂଶଧାରା ଛାତ୍ରାବାସ କୋଠା
- ■ବିପଦ ସଙ୍କୁଳ ୨୮ କୋଠରି ଶୌଚାଳୟ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବହେଳା ଏବେ ଚରମ ସୀମାରେ ପହଞ୍ଚିଛି। ଦୀର୍ଘ ବର୍ଷ ଧରି ବିଶ୍ୱବିଦ୍ୟାଳୟରେ ଥିବା ଛାତ୍ରାବାସ, ଛାତ୍ରୀନିବାସ କୋଠା ମରାମତି ଓ ସ୍ଥିତି ଯାଞ୍ଚ କରିବା ଦିଗରେ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏବେ ଶହ ଶହ ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ଗୁରୁବାର ଶାବେରୀ ଛାତ୍ରୀନିବାସର ଶୌଚାଳୟ କୋଠା ଭୁଶୁଡିବା ପରେ ସମସ୍ତ ହଷ୍ଟେଲର ସୁରକ୍ଷା ଓ ସ୍ଥିତିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶାବେରୀ ହଷ୍ଟେଲ ବ୍ୟତୀତ ବିଶ୍ୱବିଦ୍ୟାଳୟର ଅନେକ କୋଠା ମଧ ଏବେ କର୍ତ୍ତୃପକ୍ଷଙ୍କ ଅବହେଳାର ଶିକାର ହୋଇଛି । ସେଥିମଧ୍ୟରେ ସର୍ବପୁରାତନ ବଂଶଧାରା ହଷ୍ଟେଲ କାନ୍ଥ ଦୁର୍ବଳ ଥିବା ଜଣାପଡିଛି । ଫଳରେ ଏଠାରେ ରହୁଥିବା ଅନ୍ତେବାସୀ ଏବେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି । ଏ ନେଇ ଛାତ୍ରୀଛାତ୍ରମାନେ ବହୁବାର କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ଫଳରେ ଗତ ଗୁରୁବାର ଘଟଣାର ପୁନରାବୃତ୍ତି ହେବା ନେଇ ଆଶଙ୍କା ସୃଷ୍ଟି ହେଉଛି ।

ଏଠାରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ରହିବା ଲାଗି କ୍ୟାମ୍ପସରେ ଉଭୟେ ଛାତ୍ରୀ ଓ ଛାତ୍ରଙ୍କ ଲାଗି ୧୪ ହଷ୍ଟେଲ ନିର୍ମାଣ ହୋଇଛି । ସେଥିରୁ ୬ ପୁରୁଷ ଓ ୮ ମହିଳା ହଷ୍ଟେଲ ରହିଛି। ପୁରୁଷ ହଷ୍ଟେଲରୁ ୨ ଟିର ଅବସ୍ଥା ଶୋଚନୀୟ ରହିଛି । ସବୁଠାରୁ ସଙ୍ଗୀନ ସ୍ଥିତିରେ ରହିଛି ବଂଶଧାରା ହଷ୍ଟେଲ । ତିନି ମହଲା ବିଶିଷ୍ଟ ଏହି ହଷ୍ଟେଲରେ ୯୬ କୋଠରି ରହିଛି। ବର୍ତ୍ତମାନ ଏଥିରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ୮୮ ଛାତ୍ର ରହୁଛନ୍ତି। ତେବେ ଏହି ହଷ୍ଟେଲର ତୃତୀୟ ମହଲାରେ ଥିବା ପ୍ରାୟ ୨୮ କୋଠରି ଓ ଶୌଚାଳୟର ଛାତ ବିପଦସଙ୍କୁଳ ଅବସ୍ଥାରେ ରହିଛି । କୋଠା କାନ୍ଥଗୁଡିକରେ ଗଛ ଉଠିଥିବା ବେଳେ କାନ୍ଥର ବିଭିନ୍ନ ସ୍ଥାନରେ ବିରାଟ ଫାଟ ସୃଷ୍ଟି ହୋଇଛି । ଏପରି ବିପଦ ସଙ୍କୁଳ ଅବସ୍ଥାରେ ଛାତ୍ରମାନେ ରହି ଆସୁଥିଲେ ମଧ ବିଲଡିଂ ନିର୍ମାଣ ପରଠାରୁ ଏହାର ସ୍ଥିତିନେଇ ଯାଞ୍ଚ ହୋଇ ନ ଥିବା ଛାତ୍ରମାନେ ଅଭିଯୋଗ କରିଛନ୍ତି । ଏପରିକି ୨ବର୍ଷ ଧରି ଛାତ୍ରୀନିବାସରେ କୌଣସି ମରାମତି ହୋଇ ନ ଥିବା ବେଳେ ବର୍ଷକୁ ଛାତ୍ରଙ୍କୁ ହଷ୍ଟେଲର ମେଣ୍ଟେନାନ୍ସ ବାବଦକୁ ୩୩୦୦ ଟଙ୍କା ନେଉଥିବା ସେମାନେ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଲିଖିତ ଭାବେ ବହୁବାର ଅଭିଯୋଗ ସତ୍ତ୍ୱେ ମରାମତି ଦିଗରେ ପଦକ୍ଷେପ ନିଆଯାଉ ନ ଥିବା କେତେକଜଣ ଛାତ୍ର କହିଛନ୍ତି ।


ହଷ୍ଟେଲ ଶୌଚାଳୟରେ ଗଛର ଚେର ମାଡିଛି।

### ସେମାନେ ଯାହା କୁହନ୍ତି...


"ହଷ୍ଟେଲର କାନ୍ଥଗୁଡିକର ସ୍ଥିତି ଗମ୍ଭୀର ରହିଛି । ବାହାରୁ କେବଳ ଚିକ୍କଣ ଦେଖାଯାଉଥିବା ବେଳେ ଏହାର ପଛପାର୍ଶ୍ୱ କାନ୍ଥରେ ଗଛ ଉଠିବା ସହ ବିଭିନ୍ନ ସ୍ଥାନରେ ଫାଟ ହୋଇଛି । ଅଭିଯୋଗର ୨ବର୍ଷ ମଧ୍ୟରେ ଥରେବି ମରାମତି କରାଯାଇ ନାହିଁ।

**-ଚନ୍ଦ୍ର ଶେଖର ନାୟକ, ଅନ୍ତେବାସୀ**


"ଶୌଚାଳୟଗୁଡିକୁ ଦେଖିଲେ ଭୟ ଲାଗୁଛି। ଛାତରୁ ପଲସ୍ତରା ବାହାରିବା ସହ ରଡ୍‌ଗୁଡିକ ବାହାରି ରହିଛି । କେଉଁ ମୁହୂର୍ତ୍ତରେ ତାହା ଉପରେ ପଡିବ, ତାକୁ ନେଇ ଭୟ ଲାଗୁଛି । ଶୌଚାଳୟ ମଧକୁ ବିଭିନ୍ନ ଗଛ ଚେର ମାଡି ଆସିଛି । ଫାଟ ମଧ ସୃଷ୍ଟି ହେଉଛି । ସେଠାକୁ ଯିବାକୁ ଏବେ ଭୟ ଲାଗୁଛି ।

**- ହରିଶ ବେହେରା, ଅନ୍ତେବାସୀ**


"ଶାବେରୀ ଛାତ୍ରୀନିବାସ ଭୁଶୁଡିବା ପରେ ହଷ୍ଟେଲ ସ୍ଥିତି ଦେଖି ଭୟଲାଗୁଛି। ଏଠାରେ ଶୌଚାଳୟ ଓ କୋଠା ଅବସ୍ଥା ଶୋଚନୀୟ ହୋଇ ରହିଛି । ଶୌଚାଳୟ ଯାଇ ହେଉନି । ହଷ୍ଟେଲ ଛାଡିବାକୁ ମଧ ପ୍ରସ୍ତୁତ ହେଉଛି ।

**-କେତୁ ଲୀମା, ଅନ୍ତେବାସୀ**


"ବର୍ଷକୁ ହଷ୍ଟେଲ ମେଣ୍ଟେନାନ୍ସ ବାବଦକୁ ୩୩୦୦ ଟଙ୍କା ନେଉଛନ୍ତି । କିନ୍ତୁ ମରାମତି କରୁ ନାହାନ୍ତି। ଖରାଛୁଟିରେ ଛାତ୍ରମାନଙ୍କୁ ହଷ୍ଟେଲରୁ ମରାମତି ପାଇଁ ବାହାର କରିଥିଲେ । କିନ୍ତୁ ମରାମତି କରି ନ ଥିଲେ । ବର୍ଷ ବର୍ଷ ଧରି ହଷ୍ଟେଲ କୋଠା ମରାମତି ତଥା ରକ୍ଷଣାବେକ୍ଷଣରେ ଅବହେଳା ଯୋଗୁ କୋଠାଗୁଡିକର ସ୍ଥିତି ସଙ୍ଗୀନ ହୋଇଛି । ହଷ୍ଟେଲରେ ରହିବାକୁ ମଧ ଭୟ ଲାଗିଲାଣି । ଏଦିଗରେ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ପୁଣି ଏହି ଘଟଣାର ପୁନରାବୃତ୍ତି ହେବାର ଆଶଙ୍କା ରହିଛି ।

**-ରତିକାନ୍ତ ବେହେରା, ଅନ୍ତେବାସୀ**

## ସଂକ୍ଷେପରେ

### ପୋଲିସର ସଚେତନତା ବୈଠକ

ଛତ୍ରପୁର,୨୮।୭(ଡି.ଏନ.ଏ): ଛତ୍ରପୁର ଥାନା ପରିସରରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣା ଓ ଅନ୍ୟ ପ୍ରସଙ୍ଗ ନେଇ ପୋଲିସ ପକ୍ଷରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସେକେଣ୍ଡ ଅଫିସର ଭାଗ୍ୟଶ୍ରୀ ସ୍ୱାଇଁ , ଓକିଲ ରାଜେନ୍ଦ୍ର ଦାଶଙ୍କ ସମେତ ସମସ୍ତ ଗ୍ୟାରେଜ୍ ମାଲିକ ଓ ଜିଏନ୍ ପାଲମ ଗାଁ କମିଟି ସଦସ୍ୟ ଯୋଗଦେଇଥିଲେ। କୌଣସି ସନ୍ଦିଗ୍ଧ ଲୋକଙ୍କୁ ଦେଖିଲେ ନିଜେ କିଛି ନ କରି ଥାନାକୁ ଖବର ଦେବାକୁ ପରାମର୍ଶ ଦିଆଯାଇଥିଲା । ଏଥିସହ ଗଞ୍ଜାମ ପୋଲିସ ମୁଖ୍ୟାଳୟରେ ଚାଲୁଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କରିବାକୁ ମଧ କୁହାଯାଇଥିଲା । ପୋଲିସକୁ ସହଯୋଗ କରିବାକୁ ନିବେଦନ କରାଯାଇଥିଲା। ପରେ ସୋଲାସିୟମ ଫଣ୍ଡ ଓ ତାର କାର୍ଯ୍ୟକାରୀତା ସମ୍ପର୍କରେ ସୂଚନା ଦିଆଯାଇଥିଲା । ଅଜଣା ଗାଡି ଧକ୍କାରେ କେହି ବ୍ୟକ୍ତି ଆହତ ହେଲେ ତାଙ୍କୁ ୫୦ ହଜାର ଟଙ୍କା ଓ ମୃତ ବ୍ୟକ୍ତିଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା ଏହି ଫଣ୍ଡରୁ ମିଳିବ ବୋଲି କୁହାଯାଇଥିଲା ।

### ପରିବର୍ତ୍ତିତ ଜଳବାୟୁରେ ଧାନଚାଷ ସମ୍ପର୍କିତ କର୍ମଶାଳା

ସୋରଡ଼ା,୨୮।୭(ଡି.ଏନ.ଏ.):କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗର ତରଫରୁ ଲାଠିପଡ଼ା ଗ୍ରାମରେ ପରିବର୍ତ୍ତିତ ଜଳବାୟୁରେ ଧାନଚାଷ ସମ୍ପର୍କିତ କର୍ମଶାଳା କୃଷି ବିଜ୍ଞାନୀ ପ୍ରଶାନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ଼ା. ସ୍ୱାଗତିକା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ସମ୍ପ୍ରସାରଣ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରସନ୍ନଜିତ୍ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କ୍ଷେତ୍ର ବିଜ୍ଞାନୀ କୁମୁଦ ଚନ୍ଦ୍ର ପାଢୀ ଯୋଗ ଦେଇଥିଲେ। ବୁଣାଧାନର ଉପକାରିତା, ଖାଦ୍ୟସାର, ରୋଗପୋକ ନିରାକରଣ, ମୃତ୍ତିକା ପରୀକ୍ଷା ଏବଂ କୃଷି ଯୋଜନା ଉପରେ ଉପସ୍ଥିତ ଚାଷୀମାନଙ୍କୁ ବିବରଣୀ ପ୍ରଦାନ କରାଯାଇଥିଲା। କୃଷି ଅଧିକାରୀ ବବିତା ସୋରେନ, ରାଜ କିଶୋର ସ୍ୱାଇଁ, ବୈଜ୍ଞାନିକ ପ୍ରଶାନ୍ତ ପଣ୍ଡା, ସନ୍ତୋଷ ସାମନ୍ତରାୟ, ସତ୍ୟବ୍ରତ ମଙ୍ଗରାଜ, ଚିତ୍ତରଞ୍ଜନ ନାୟକ ଯୋଗଦେଇ କର୍ମଶାଳାରେ କୃଷି ସୂଚନା ପ୍ରଦାନ ସହ ପରିଚାଳନା କରିଥିଲେ। ଚାଷୀ ବାସୁଦେବ ଗୌଡ଼, ଭଜରାମ ସ୍ୱାଇଁ, ବନମାଳୀ ସ୍ୱାଇଁ, କାଳୀଚରଣ ଗୌଡ଼ ପ୍ରମୁଖ ଯୋଗଦେଇ ବିଭିନ୍ନ ଯୋଜନା ଉପରେ ସୂଚନା ଗ୍ରହଣ କରିଥିଲେ।

### ସିଆର୍‌ସିସିଙ୍କୁ ସ୍ୱାଗତ, ବିଦାୟ ସମ୍ବର୍ଦ୍ଧନା

ବୁଗୁଡ଼ା,୨୮।୭(ଡି.ଏନ.ଏ.):ବୁଗୁଡ଼ା ବ୍ଲକ କରଚୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର କ୍ଲଷ୍ଟରସ୍ତରୀୟ ନୂତନ ସିଆର୍‌ସିସି ପ୍ରଫୁଲ୍ଲ କୁମାର ସାହୁ ଓ ପୁରାତନ ସିଆରସିସି ନିରଞ୍ଜନ ଗୌଡ଼ଙ୍କୁ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜ୍ଞାନୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ରାୟଗଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ବେହେରା, କହ୍ନେଇପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଖଲି ପଣ୍ଡା, କରସିଙ୍ଗି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ପ୍ରଧାନ ଶିକ୍ଷକ ପାର୍ଥ ସାରଥୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଉତ୍ସବରେ ନୂତନ ସିଆରସିସି ଭାବେ ଯୋଗ ଦେଇଥିବା ପ୍ରଫୁଲ୍ଲ କୁମାର ସାହୁଙ୍କୁ ମଧ ସ୍ୱାଗତ କରାଯାଇଥିଲା । ଏଥିରେ କରଚୁଲି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କ୍ଲଷ୍ଟର ସମସ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ ।

### ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୨୮।୭(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଘୋଡ଼ାପଡ଼ା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାଗୁଣି ମିଶ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିପାଇଁ ବିଦ୍ୟାଳୟରେ ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ସଭାପତିତ୍ୱରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଇଓଙ୍କ ସମେତ ସିଆରସିସି ଡ଼ି. ବାସୁଦେବ ଦୋରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ଗୌଡ଼, ପୂର୍ବତନ ପ୍ରଧାନ ଶିକ୍ଷକ ଭଜରାମ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା।

## ■ ପୋଷ୍ଟର ଚିରା ଅଭିଯାନରେ ସାମିଲ ହେଲେ ଜିଲାପାଳ

# ଜନଭାଗିତା ଦ୍ୱାରା ପରିବର୍ତ୍ତନ ସମ୍ଭବ

ବ୍ରହ୍ମପୁର ଅଫିସ୍,୨୮।୭

ବ୍ରହ୍ମପୁର ସହରକୁ ସୁନ୍ଦର କରିବା ପାଇଁ ସରକାରୀସ୍ତରରେ ପ୍ରୟାସ ଚାଲିଛି। ଏଥିରେ ବର୍ତ୍ତମାନ ସହରର ବୁଦ୍ଧିଜୀବୀ ଏବଂ ବିଭିନ୍ନ ବର୍ଗର ଲୋକମାନେ ମଧ୍ୟ ସାମିଲ ହେଉଛନ୍ତି । ସହରର ପ୍ରମୁଖ ରାସ୍ତା କଡ଼ର କାନ୍ଥ ଏବଂ ଅନ୍ୟାନ୍ୟ ସ୍ଥାନରେ ଲାଗିଥିବା ପୋଷ୍ଟର୍ ବାହାର କରିବା ଅଭିଯାନ ଗତ କିଛି ଦିନ ହେଲା ଆରମ୍ଭ ହୋଇଥିଲା। ଗଠିତ ହୋଇଥିବା ଟିମ୍‌ର ନାମ ଦିଆଯାଇଛି 'ଟିମ୍ କ୍ଲିନ୍ ସିଟି' । ତୃତୀୟ ସପ୍ତାହରେ ଏହି ଟିମ୍ ଷ୍ଟେଶନ୍, ଟାଟା ବେଞ୍ଚ ଛକ, ହିଲ୍‌ପାଟଣା, ବିଜିପୁର, ପୁରୁଣା ବସ୍‌ଷ୍ଟାଣ୍ଡ, ଗିରି ରୋଡ୍ ସହ ଅନ୍ୟାନ୍ୟ ଅଞ୍ଚଳରୁ ପୋଷ୍ଟର୍ ଚିରାଗଲାଣି। ରବିବାର ଏହି ଅଭିଯାନରେ ନିଜେ ସାମିଲ୍ ହୋଇଛନ୍ତି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ। ପିଭିଏନ୍‌ରାଓ ପେଟ୍ରୋଲ୍ ପମ୍ପ ଛକରେ ଜିଲାପାଳ କୁଲାଙ୍ଗେ ବିଭିନ୍ନ କାନ୍ଥରୁ ପୋଷ୍ଟର ଚିରିଥିଲେ।


ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପୋଷ୍ଟର୍ ଚିରୁଛନ୍ତି ।

ଏହି ଅବସରରେ ସେ କହିଥିଲେ, ସହରକୁ ସୁନ୍ଦର ରଖିବା ପାଇଁ ଭଲ ନାଗରିକମାନେ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ପ୍ରଶଂସା ଯୋଗ୍ୟ। ଯେଉଁମାନେ ମନଇଚ୍ଛା ଏଣେତେଣେ ପୋଷ୍ଟର୍ ମାରୁଛନ୍ତି, ସେମାନଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ । ସିନେମା ହଲ୍‌ଗୁଡ଼ିକୁ ପୋଷ୍ଟର ନ ମାରିବା ପାଇଁ ବାରଣ କରାଯାଇଛି । ଅନ୍ୟ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ କିମ୍ବା ଅନ୍ୟମାନେ ପୋଷ୍ଟର୍ ମାରୁଛନ୍ତି, ସେମାନଙ୍କୁ ବାରଣ କରାଯିବ। ନୋଟିସ୍ ଦିଆଯିବ । ତଥାପି ପୋଷ୍ଟର୍ ମାରିଲେ, ଜରିମାନା ଆଦାୟ ପାଇଁ ବିଚାର କରାଯାଉଛି। ତଥାପି ଯେଉଁମାନେ ପୋଷ୍ଟର୍ ମାରିବେ ଆବଶ୍ୟକ ସ୍ଥଳେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। କେବଳ ପୋଷ୍ଟର୍ ଚିରା ଅଭିଯାନରେ ସୀମିତ ନ ରହି, ଆଗାମୀ ଦିନରେ ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ମୁକ୍ତ ସହର ଗଠନ ଏବଂ ଚାରା ରୋପଣ ଦିଗରେ ମଧ୍ୟ କାର୍ଯ୍ୟ କରିବାକୁ 'ଟିମ୍ କ୍ଲିନ୍ ସିଟି'ର ସଦସ୍ୟା ସଦସ୍ୟଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜନଭାଗିତା ଦ୍ୱାରା ପରିବର୍ତ୍ତନ ସମ୍ଭବ ବୋଲି ଜିଲାପାଳ କହିଥିଲେ । ସୂଚନାଯୋଗ୍ୟ, ପ୍ରାୟ ୩ସପ୍ତାହ ପୂର୍ବେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସହରର ବରିଷ୍ଠ ଖବରଦାତା, ଆଇନଜୀବୀ, ଡାକ୍ତର, ସରକାରୀ ଅଧିକାରୀ ଏବଂ ସାମାଜିକ କର୍ମୀମାନେ ସାମିଲ୍ ହୋଇଛନ୍ତି ।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର, ବିପଦରେ ଧନଜୀବନ

ବ୍ରହ୍ମପୁର ଅଫିସ,୨୮।୭

ସାଉଥକୋର ମନମୁଖି ନୀତି ଯୋଗୁ ଏହି ବିଭାଗ ଏବେ ଚର୍ଚ୍ଚାରେ ରହି ଆସୁଛି। ସହରର ଅଧିକାଂଶ ସ୍ଥାନରେ କେଉଁଠି ତାର ରାସ୍ତା ଉପରେ ଲମ୍ବି ରହିଛି ତ ଆଉ କେଉଁଠି ବିଦ୍ୟୁତ୍ ସରଞ୍ଜାମ ରକ୍ଷଣାବେକ୍ଷଣରେ ମଧ କମ୍ପାନୀ ଅବହେଳା କରୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ପ୍ରେମନଗର ଅଞ୍ଚଳରେ ଥିବା ୩/୪ ଟ୍ରାନ୍ସଫର୍ମରର ଚାରିପଟେ ପାଚେରି ନାହିଁ। ଏହି ରାସ୍ତାଦେଇ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସେଣ୍ଟ ଜାଭିୟର, ମା' ସାରଦା ସ୍କୁଲର ଛାତ୍ରୀଛାତ୍ରମାନେ ଯାତାୟାତ କରୁଛନ୍ତି । ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ତାର ଓହଳି ପଡିଥିବାରୁ ଯାତାୟାତ କରୁଥିବା ଯାନବାହନ ଓ ଲୋକଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରୁଛନ୍ତି। ହେଲେ ସାଉଥକୋ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ସେହିପରି ଇଞ୍ଜିନିୟରିଂ ସ୍କୁଲ ଛକ, ପଣ୍ଡା କଲୋନୀ, ଲାଞ୍ଜିପଲ୍ଲୀ ଛକ, ଆମ୍ବ ମାର୍କେଟ ଛକ ଏପରି ଅନେକ ସ୍ଥାନରେ ଥିବା ଟ୍ରାନ୍ସଫର୍ମର ଗୁଡିକ ଏବେ ମୁକୁଳା ହୋଇପଡିଛି।

ଫଳରେ ଗୋରୁ, ମଇଁଷି, ଛେଳି ତା ଭିତରକୁ ପଶିଯାଉଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟିଥିବାର ନଜିର ରହିଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଧ୍ୟାନ ଦେଇ ଉକ୍ତ ଟ୍ରାନ୍ସଫର୍ମର ଚାରିପଟେ ପାଚେରି କିମ୍ବା ତାରବାଡ ଲଗାଇବାକୁ ଦାବି ହେଉଛି। ଏନେଇ ସାଉଥକୋର ବିଇଡ଼ି ୨ ନିର୍ବାହୀ ଯନ୍ତ୍ରୀ ଅମ୍ବିକାନାଥ ପାତ୍ର କୁହନ୍ତି, କେତେକ ଟ୍ରାନ୍ସଫର୍ମର ଏବେବି ମୁକୁଳା ହୋଇ ପଡିଛି। ସେଗୁଡିକୁ ଚିହ୍ନଟ କରାଯାଇଛି। ଖୁବଶୀଘ୍ର ଏହାର ଚାରିପଟେ ପାଚେରି ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।


ମୁକୁଳା ପଡ଼ିଥିବା ଟ୍ରାନ୍ସଫର୍ମର ।

# ସ୍ୱାଧୀନତା ଦିବସ ପାଇଁ ପ୍ରତିଯୋଗିତା


ଛାତ୍ରୀଛାତ୍ରମାନେ ଚିତ୍ର ଆଙ୍କୁଛନ୍ତି ।

ବ୍ରହ୍ମପୁର ଅଫିସ୍,୨୮।୭

ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଚିତ୍ରାଙ୍କନ ଏବଂ ଦେଶାତ୍ମବୋଧକ ସଂଗୀତ ଗାନ ପ୍ରତିଯୋଗିତା ରବିବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟାରେ ଭାଗ ନେଇଥିଲେ। ପ୍ରଥମରୁ ତୃତୀୟ ଶ୍ରେଣୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅନୁଷ୍କା ରାଉତ ପ୍ରଥମ ହୋଇଥିବା ବେଳେ ନିର୍ଣ୍ଣୟ ମିଶ୍ର ଦ୍ୱିତୀୟ ଏବଂ ସୋମେଶ୍ୱର ସାହୁ ତୃତୀୟ ହୋଇଛନ୍ତି। ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ବର୍ଗରେ ସାନ୍‌ଭି ଶତପଥୀ ପ୍ରଥମ, ଭବିଷ୍ୟ କୁମାର ସାହୁ ଦ୍ୱିତୀୟ ଏବଂ ସାଇନି ମିଶ୍ର ତୃତୀୟ ହୋଇଛନ୍ତି । ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ବର୍ଗରେ ସୌମ୍ୟରଞ୍ଜନ ବେହେରା ପ୍ରଥମ, ଶ୍ରୀମାନ୍ ତ୍ରିପାଠୀ ଦ୍ୱିତୀୟ ଏବଂ ଭାବ୍ୟ ଭାଗ୍ୟଶ୍ରୀ ସାହୁ ତୃତୀୟ ହୋଇଛନ୍ତି । ଅଷ୍ଟମରୁ ଦଶମ ଶ୍ରେଣୀ ବର୍ଗରେ ଓମ୍‌ପ୍ରକାଶ ଦାସ ପ୍ରଥମ, ଅର୍ପିତା ମହାରଣା ଦ୍ୱିତୀୟ ଏବଂ ନିପୁନା ମହାକୁଡ଼ ତୃତୀୟ ହୋଇଛନ୍ତି। ଗୋପାଳ କୃଷ୍ଣ ପାଢୀ, ଅଜିତ କୁମାର ନାୟକ ଏବଂ ନମିତା ପାଢୀ ବିଚାରକ ଦାୟିତ୍ୱରେ ଥିଲେ । ସେହିଭଳି ସଂଗୀତ ପ୍ରତିଯୋଗିତାର ପ୍ରଥମରୁ ତୃତୀୟ ଶ୍ରେଣୀ ବର୍ଗରେ କାଭିନ୍ କିଶୋର ବାରିକ ପ୍ରଥମ ହୋଇଥିବା ବେଳେ ଲିପ୍‌ସା ମିଶ୍ର ଦ୍ୱିତୀୟ ଏବଂ ଅୟେଶା ପ୍ରିୟଦର୍ଶିନୀ ମିଶ୍ର ତୃତୀୟ ହୋଇଛନ୍ତି। ଚତୁର୍ଥ ଏବଂ ପଞ୍ଚମ ଶ୍ରେଣୀ ବର୍ଗରେ କେ.ଅଞ୍ଜଳି ପାତ୍ର ପ୍ରଥମ, ପି. ନେହା ରେଡ୍ଡୀ ଦ୍ୱିତୀୟ ଏବଂ ପ୍ରଜ୍ଞା ପାରମିତା ପଣ୍ଡା ତୃତୀୟ ହୋଇଛନ୍ତି। ଷଷ୍ଠ ଏବଂ ସପ୍ତମ ଶ୍ରେଣୀ ବର୍ଗରେ ଭବ୍ୟ ଭାଗ୍ୟଶ୍ରୀ ସାହୁ ପ୍ରଥମ, ଅଖିଳେଶ ପାତ୍ର ଏବଂ ଶୋୟମ୍ ଶ୍ରୀୟା ପଟ୍ଟନାୟକ ଦ୍ୱିତୀୟ ଏବଂ ରିତିଶ୍ରୀ ନାୟକ ତୃତୀୟ ହୋଇଛନ୍ତି । ଅଷ୍ଟମରୁ ଦଶମ ଶ୍ରେଣୀ ବର୍ଗରେ ଦିବ୍ୟାଶା ପଣ୍ଡା ପ୍ରଥମ, ସଂସ୍କୃତି ପାଣି ଦ୍ୱିତୀୟ ଏବଂ ଆରବ କୌଶିକ ଓ ସିଦ୍ଧି ସ୍ନେହା ପାଢୀ ତୃତୀୟ ହୋଇଛନ୍ତି। ମହାବିଦ୍ୟାଳୟସ୍ତରୀୟ ସଂଗୀତ ପ୍ରତିଯୋଗିତାରେ ଶୁଭ୍ର ସୌରଭ ବେହେରା ପ୍ରଥମ, ବିଦିଶା ପାତ୍ର ଦ୍ୱିତୀୟ ଏବଂ ରଷାଲି ପଟ୍ଟନାୟକ ତୃତୀୟ ହୋଇଛନ୍ତି। ସୋମବାର ତର୍କ ଓଡ଼ିଆ ଏବଂ ମଙ୍ଗଳବାର ତର୍କ ଇଂଲିଶ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅଗଷ୍ଟ ୧୫ତାରିଖରେ ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଆୟୋଜିତ ହେବାକୁ ଥିବା ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ।

### ସ୍ୱାସ୍ଥ୍ୟ ପରୀକ୍ଷା, ସଚେତନତା ଶିବିର

ଦିଗପହଣ୍ଡି,୨୮।୭(ଡି.ଏନ.ଏ.)

ଦିଗପହଣ୍ଡି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା କାର୍ଯ୍ୟାଳୟରେ ରବିବାର ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଚିକିତ୍ସକ ସଂଘ ବ୍ରହ୍ମପୁର ଶାଖା, ରୋଟାରୀ କ୍ଲବ ବ୍ରହ୍ମପୁର ଇଷ୍ଟ, ଇନରହ୍ୱିଲ କ୍ଲବ ବ୍ରହ୍ମପୁର ଇଷ୍ଟ ମିଳିତ ଆନୁକୂଲ୍ୟରେ ଆୟୋଜିତ ଚିକିତ୍ସା ଶିବିରରେ ଡ଼ା. ଭି. ରାଜେଶ୍ୱର ରାଜୁ, ଡ଼ା. ସମ୍ବିତ ବେଗରାୟ, ଡ଼ା. ଅନ୍ତର୍ଯ୍ୟାମୀ ସାହୁ, ଡ଼ା. ସୁନୀଲ କୁମାର କୋଟା, ଡ଼ା. କମଳାକାନ୍ତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବହୁ ସଂଖ୍ୟକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ଇନରହ୍ୱିଲ କ୍ଲବ ଇଷ୍ଟର ସଭାନେତ୍ରୀ ସବିତା ପଟ୍ଟନାୟକ, ଗୀତାଞ୍ଜଳି ପୃଷ୍ଟି, ଛବିରାଣୀ ସେଠୀ, ଅମିତା ରାଉଳ, ମିଳିରାଣୀ ପାତ୍ର, ଅରୁଣିମା ଦାସ, ସୁଶୀଳା କୁମାରୀ, ରୋଟାରୀ କ୍ଲବ ବ୍ରହ୍ମପୁର ଇଷ୍ଟର ସଭାପତି ପ୍ରଦୀପ କୁମାର ପଣ୍ଡା, ସମ୍ପାଦକ ରଞ୍ଜିତ କୁମାର ପାତ୍ର, ସଂଯୋଜକ ଅଜିତ କୁମାର ପୃଷ୍ଟି ଓ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ମୁଖ୍ୟ ସଞ୍ଚାଳିକା ବ୍ରହ୍ମାକୁମାରୀ ଅରୁନ୍ଧତୀ ଦେବୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବ୍ରହ୍ମାକୁମାର ସତ୍ୟନାରାୟଣ, ନୀଳାଚଳ କୁମାର, ସୁଦର୍ଶନ କୁମାର, ବ୍ରହ୍ମାକୁମାରୀ ରଶ୍ମି, ସୋନାଲୀ, ତପସ୍ୱିନୀ, ଟିଙ୍କି, ଭାଗ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଦିଗପହଣ୍ଡି ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତ ହରିକୃଷ୍ଣ ପଣ୍ଡା, କାର୍ଯ୍ୟକର୍ତ୍ତା ହେମନ୍ତ କୁମାର ପାତ୍ର, ପନାଡ଼ି କ୍ରିଷ୍ଣାମା ପ୍ରମୁଖ ଉପସ୍ଥିତ ଥିଲେ ।

# ମୋ ସ୍କୁଲ କାର୍ଯ୍ୟକ୍ରମ ବୁଲି ଦେଖିଲେ ଜିଲା ଶିକ୍ଷାଧିକାରୀ

ଦିଗପହଣ୍ଡି,୨୮।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଡ଼. ସନାତନ ପଣ୍ଡା ଦିଗପହଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗ୍ରାମ ବିଦ୍ୟାଳୟ ପରିଦର୍ଶନ କରି ମୋ ସ୍କୁଲ କାର୍ଯ୍ୟକ୍ରମ, ଶୈକ୍ଷିକ ପରିବେଶ, ଗୁଣାତ୍ମକ ଶିକ୍ଷାଦାନ, ପାନୀୟ ଜଳ ଯୋଗାଣ ଓ ଶୌଚାଳୟ ବ୍ୟବସ୍ଥା ଅନୁଧ୍ୟାନ କରି ଥିବା ଜଣାପଡ଼ିଛି। ଶନିବାର ଜିଲା ଶିକ୍ଷାଧିକାରୀ ପ୍ରଥମେ ଗଡ଼ଗୋବିନ୍ଦପୁର ଗ୍ରାମ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ବିପର୍ଯ୍ୟସ୍ତ ଶୌଚାଳୟ ଅବସ୍ଥା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି କେ.ହରିବନ୍ଧୁ ରେଡ୍ଡୀଙ୍କ ସହ ସେ ଆଲୋଚନା କରି ପଞ୍ଚାୟତ ପକ୍ଷରୁ ତୁରନ୍ତ ଶୌଚାଳୟ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ସେ ଗୌଡ଼ଗାଁ ଗାଇଡ଼ା ଓ ଲହୁଣିଆ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ପାଠପଢ଼ା ବିଷୟରେ ପଚାରିଥିଲେ। ବିଦ୍ୟାଳୟ ବିକାଶ ଦିଗରେ ସହଯୋଗ କରିବାକୁ ଉପସ୍ଥିତ ଗ୍ରାମବାସୀଙ୍କୁ କହିଥିଲେ। ଦିଗପହଣ୍ଡି ଫେରିବା ରାସ୍ତାରେ ସେ ବମକେଇ ପଞ୍ଚାୟତ ମଣିପଡ଼ିଆ ଗୋପାଳ ଦାସ ନୋଡାଲ ହାଇସ୍କୁଲ ସ୍ଥିତି ଅନୁଧ୍ୟାନ କରିଥିଲେ। ହାଇସ୍କୁଲ କୋଠାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବାରୁ ଉଭୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ମଧରେ ସୁସମ୍ପର୍କ ରକ୍ଷା କରି ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଯୋଗ୍ୟତା ଓ ଦକ୍ଷତା ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବାରେ ଅସୁବିଧା ନ ଥିବା କହିଥିଲେ। ସେହିପରି ଆବଶ୍ୟକସ୍ଥଳେ ହାଇସ୍କୁଲରେ ଅବସ୍ଥାପିତ ଶିକ୍ଷକମାନେ ପ୍ରାଥମିକ ବିଦ୍ୟାଳୟରେ କ୍ଲାସ ନେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟ ଉନ୍ନୟନ କାର୍ଯ୍ୟର ଅଗ୍ରଗତି ନିମନ୍ତେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ପଣ୍ଡାଙ୍କ ବଦଳରେ ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟଭାର ଗ୍ରହଣ କରିବାକୁ ସେ ତତ୍କାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶିକ୍ଷାଧିକାରୀଙ୍କ ଗସ୍ତ ସମୟରେ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କ ସମେତ ଗୋଷ୍ଠୀ ସାଧନ କର୍ମୀ ଓ ଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ ।

# ଅଷ୍ଟ ବିନାୟକ ଟାଟା ଶୋ'ରୁମ୍ ଶୁଭାରମ୍ଭ

ଗଞ୍ଜାମ,୨୮।୭(ଡି.ଏନ.ଏ.)

ଅଗସ୍ତିନୂଆଗାଁସ୍ଥିତ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ନୂତନ ଭାବେ ଅଷ୍ଟ ବିନାୟକ ଟାଟା ଶୋ'ରୁମ୍ ରବିବାର ଶୁଭାରମ୍ଭ ହୋଇଛି। ଟାଟା ରିଜିଓନାଲ ମ୍ୟାନେଜର ପ୍ରଶାନ୍ତ କୁମାର ଫଣ୍ଡାନାଭିଜ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଷ୍ଟେଟହେଡ ଅଭିଷେକ ଗୁପ୍ତା, ଟାଟା ପ୍ରଡକ୍ଟ ହେଡ (ଓଡ଼ିଶା) ଆଶିଷ ରଞ୍ଜନ, ଜେସିଏମ୍ ସିତେଶ ପାଣ୍ଡେ, ରାହୁଲ ଟଣ୍ଡନ (କଷ୍ଟମର ସପୋର୍ଟର), ବ୍ରହ୍ମପୁର ମ୍ୟାନେଜିଂ ଡାଇରେକ୍ଟର ରାକେଶ ଅଗ୍ରୱାଲ, ଭିନୟ ଗୁପ୍ତା, ଜେନେରାଲ ମ୍ୟାନେଜର ଏନଏଲ ଡ଼େଏ, ୟୁନିଷ୍ ଖାନ ପ୍ରମୁଖ ଉପସ୍ଥିତ ଥିଲେ । ଟାଟା ମୋଟର୍ସର ବ୍ରହ୍ମପୁର ଶାଖା ନିମନ୍ତେ ବହୁ ଦିନର ଆଶା ପୂରଣ ହୋଇଥିବା ବେଳେ ଗ୍ରାହକମାନଙ୍କୁ ଠିକ୍ ଭାବେ ସର୍ଭିସ୍ ମିଳିପାରିବ ବୋଲି ଟାଟା ମୋଟର୍ସ କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ଟାଟା ମୋଟର୍ସ ପକ୍ଷରୁ ପ୍ରଥମ ଥର ସମର୍ଥ ଜରିଆରେ ଡ୍ରାଇଭରମାନଙ୍କ ପାଇଁ ସୁବିଧା କରାଯାଇଛି। ସ୍ୱାସ୍ଥ୍ୟ ସମର୍ଥ, ଶିକ୍ଷା ଏବଂ ଡ୍ରାଇଭରମାନେ ୫୬ ପ୍ରକାର ରୋଗର ପରୀକ୍ଷା ମାଗଣାରେ ପାଇପାରିବେ ବୋଲି ପକ୍ଷରୁ କୁହାଯାଇଛି । ଏପରିକି ମାସିକ ୫୦୦ ଟଙ୍କା ଭବିଷ୍ୟତ ଫଣ୍ଡ ମଧ ଥିବା କୁହାଯାଇଛି। ଏହି ଅବସରରେ ଟାଟା ମୋଟର୍ସ ପରିସରରେ ଚାରାରୋପଣ କରାଯାଇଥିଲା ।


ଶୋ'ରୁମ ଉଦ୍‌ଘାଟନ କରାଯାଉଛି।

## ■ ଜାତୀୟ ଶିକ୍ଷାନୀତି ଚିଠା ସମୀକ୍ଷା

# 'ବୈଜ୍ଞାନିକ ଚିନ୍ତାଧାରାକୁ ନିରୁତ୍ସାହିତ କରିବ'

ବ୍ରହ୍ମପୁର ଅଫିସ୍,୨୮।୭

ମାନବବାଦୀ ହେତୁବାଦୀ ସଂଗଠନ ପକ୍ଷରୁ କମାପଲ୍ଲୀସ୍ଥିତ ସଂକଳ୍ପ ସ୍କୁଲ ପରିସରରେ ରବିବାର ଅପରାହ୍ଣରେ 'ଜାତୀୟ ଶିକ୍ଷା ନୀତି ଚିଠା-୨୦୧୯: ଏକ ସମୀକ୍ଷା' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଗଠନ ସଭାପତି ଇ.ତେଜେଶ୍ୱର ରାଓ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଦୀପ କୁମାର ବ୍ରହ୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଷୟ ଉପରେ ନିଜର ମତ ରଖିଥିଲେ। ଚିଠା ପ୍ରସ୍ତୁତ କମିଟିରେ ଦେଶର କୌଣସି ଶିକ୍ଷାବିତ୍, ଶିକ୍ଷକ, ଛାତ୍ର, ଅଭିଭାବକ, ରାଜନୈତିକ କିମ୍ବା ସାମାଜିକ କର୍ମୀଙ୍କ ମତାମତ ନିଆଯାଇ ନାହିଁ । ଏଥିରେ ମଧ୍ୟଯୁଗୀୟ ଭାରତୀୟ ଧର୍ମୀୟ ପରମ୍ପରାକୁ ଗୁରୁତ୍ୱ ଦିଆଯାଇଛି। ନୂତନ ବୈଜ୍ଞାନିକ ଚିନ୍ତାଧାରାକୁ ନିରୁତ୍ସାହିତ କରାଯାଇଛି। ଏହି ଚିଠାରେ ଛାତ୍ର ଶିକ୍ଷକ ଅନୁପାତ ୩୦:୧ ରହିଥିଲେ ମଧ୍ୟ ଯୋଗ୍ୟ ଶିକ୍ଷକ ନିଯୁକ୍ତି ଓ ସେମାନଙ୍କ ଦରମା ଓ ସ୍ଥାୟିତ୍ୱ କିପରି କରାଯାଇ ପାରିବ, ସେ ସମ୍ପର୍କରେ ଉଲ୍ଲେଖ ନାହିଁ। କୁଠାରୀ କମିଶନଙ୍କ ପରି ବର୍ତ୍ତମାନର ଶିକ୍ଷା ନୀତି ଦେଶର ଘରୋଇ ଉତ୍ପାଦର ୬ପ୍ରତିଶତ ଖର୍ଚ୍ଚ ପାଇଁ ଥିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ। ଅନ୍ୟପଟେ ନୂତନ ଶିକ୍ଷାନୀତିକୁ ନେଇ କେତେକ ଦକ୍ଷିଣ ଭାରତୀୟ ରାଜ୍ୟରେ ବିରୋଧାଭାଷ ସୃଷ୍ଟି ହୋଇପାରେ। କାରଣ ଏଥିରେ ହିନ୍ଦୀ ଭାଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିଭଳି ଜାତୀୟ ଶିକ୍ଷା ଆୟୋଗକୁ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ଗଠନ କରାଯାଇଛି । ଏହା ଦେଶ ସଂଘୀୟ ବ୍ୟବସ୍ଥାର ବିରୋଧୀ ବୋଲି ସେ ପ୍ରକାଶ କରିଥିଲେ। ସଂଗଠନ ରାଜ୍ୟ ସାଧାରଣ ସମ୍ପାଦକ ଇଂ. ରାଜା ସୁରେଶ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଜାତୀୟ ଶିକ୍ଷା ନୀତିରେ ଗୌରିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ । ସଂଗଠନ ଜିଲା ସମ୍ପାଦକ କେ.ନନ୍ଦେସୁ ସେନାପତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଚନ୍ଦ୍ର ମିଶ୍ର, ଡା. ମଞ୍ଜୁପ୍ରଭା ଦାସ, ଜେ. ରବି କୁମାର, ସୋମନାଥ ବେହେରା, ସୁନେଜ କୁମାର ପାଣିଗ୍ରାହୀ, ଏ.ମାଲେଶ୍ୱର ରାଓ, ଅଧ୍ୟାପକ ସୁଶାନ୍ତ ପ୍ରଧାନ, ଅଧ୍ୟାପିକା ରାଜବାଳା ତ୍ରିପାଠୀ, ଅନୀତା ପଣ୍ଡା, ବି.ବାଳକୃଷ୍ଣ, କେ.ବାସବା ରାଜୁ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ମହମ୍ମଦ ସୁକୁର, ଅଧ୍ୟାପକ ଅମୀର କୁମାର ସାହୁ, ଇ. ନରସିଂହା, ହାକିମ ଖାଁ ଓ ଶିବାନୀ ଶଙ୍କର ମିଶ୍ରଙ୍କ ସମେତ ସଂଗଠନର ବହୁ ସଦସ୍ୟ ଯୋଗ ଦେଇଥିଲେ ।



ପ୍ରାଧ୍ୟାପକ ପ୍ରଦୀପ କୁମାର ବ୍ରହ୍ମା ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ସ୍କୁଲ ଛାତ୍ରୀଛାତ୍ରଙ୍କ ଡେଙ୍ଗୁ ସଚେତନତା

**ହିଞ୍ଜିଳିକାଟୁ,୨୮।୭(ଡି.ଏନ୍.ଏ.):** ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ଗ୍ରାମ ସତ୍ୟଭାମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ଡେ଼ଙ୍ଗୁ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଏ. ଶଙ୍କର ପ୍ରସାଦ ଆଚାରୀ ପତକା ଦେଖାଇ ରାଲିକୁ ଉଦ୍‌ଘାଟନ କରିଥିଲେ। ଗୋପବନ୍ଧୁ ସ୍କାଉଟ ଟ୍ରୁପ, ଗାଇଡ୍, ଜୁନିୟର ରେଡ୍‌କ୍ରସ, ଇକୋ କ୍ଲବ ସହ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ମଶାବାହିତ ଡେ଼ଙ୍ଗୁ ରୋଗର ନିରାକରଣ ଓ ପ୍ରତିରୋଧ ପାଇଁ ପରିବେଶ ସଫା ରଖିବା ଓ ଅନ୍ୟାନ୍ୟ ସତର୍କତା ନେଇ ଗ୍ରାମବାସୀଙ୍କୁ ରାଲି ଓ ପ୍ରଥପ୍ରାନ୍ତ ସଭା ଦ୍ୱାରା ସଚେତନତା କରାଯାଇଥିଲା। ଶିକ୍ଷକ ରାମହରି ସାହୁ, ଏନ୍. ଲୋକନାଥ, କେ. ରଘୁନାଥ, ଦେବୀ ସାହୁ, ଚନ୍ଦ୍ରିକା ତ୍ରିପାଠି ପ୍ରମୁଖଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

### ଯୁବ ରେଡକ୍ରସ ପକ୍ଷରୁ ଚାରାରୋପଣ

**ଜଗନ୍ନାଥପ୍ରସାଦ,୨୮।୭(ଡି.ଏନ.ଏ.):** ଗଞ୍ଜାମ ଜିଲା ଆଞ୍ଚଳିକ ଜୁନିୟର ମହାବିଦ୍ୟାଳୟ ଜଗନ୍ନାଥପ୍ରସାଦ ଯୁବ ରେଡକ୍ରସ ସଂସ୍ଥା ପକ୍ଷରୁ କାର୍‌ଗିଲ ଦିବସରେ କଲେଜ ପରିସରରେ ଚରାରୋପଣ କରାଯାଇଥିଲା। ରେଡକ୍ରସ କାଉନସିଲର ଅଧାପକ ଲୋକନାଥ ମହାନ୍ତିଙ୍କ ନେତୃତ୍ୱରେ ରେଡକ୍ରସ ସ୍ୱେଚ୍ଛାସେବୀମାନେ ବିଭିନ୍ନ ପ୍ରକାର ୨୫ଟି ଚାରା ଲଗାଇ ଏହାର ଯତ୍ନ ନେଇ ପାଇଁ ସଂକଳ୍ପ କରିଥିଲେ। ଅଧକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହାଇଥିଲା। ଅଧାପକ ଲୋକନାଥ ମହାନ୍ତି ଯୁବଶକ୍ତି ଓ ରାଷ୍ଟ୍ରଶକ୍ତି ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମହାବିଦ୍ୟାଳୟର ଅଧାପକମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ସରୋଜ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଏନ୍‌ଏସିର ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ସଚେତନତା

**କବିସୂର୍ଯ୍ୟନଗର,୨୮।୭:** କବିସୂର୍ଯ୍ୟନଗର ଏନ୍‌ଏସି ବୈଠକ ଗୃହରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ନାୟକଙ୍କ ଅଧକ୍ଷତାରେ ଡେଙ୍ଗୁ ଓ ମ୍ୟାଲେରିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବର୍ଷା ଦିନରେ ବ୍ୟାପୁଥିବା ଡେଙ୍ଗୁ ଓ ମ୍ୟାଲେରିଆର କାରଣ ଓ ନିରାକରଣ ପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ଏସ୍‌ଏସ୍‌ଜି ଗ୍ରୁପ ଓ ଅଙ୍ଗନୱାଡି କର୍ମୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସଚେତନ କର୍ମଶାଳାରେ ଗଞ୍ଜାମ ଡୁଡ଼ା ଅଧିକାରୀ ଅଙ୍କିତା ମ୍ୟାଥୁସ, ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର, ସାଧାରଣ ସ୍ୱାସ୍ଥ ସମ୍ପ୍ରସାରଣ ଅଧିକାରୀ କୃତ୍ତିବାସ ଆଚାରୀ, ଚନ୍ଦ୍ରଶେଖର ହାଇସ୍କୁଲ ପ୍ରଧାନ ଶିକ୍ଷକ ମିହିର କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

### ନଡ଼ିଆଚାରା ରୋପଣ ଶୁଭାରମ୍ଭ

**ଗଞ୍ଜାମ,୨୮।୭(ଡି.ଏନ.ଏ.):** ଗଞ୍ଜାମ ବ୍ଲକ କରପଡ଼ା ପଞ୍ଚାୟତରୁ ନଡ଼ିଆ ଚାରାରୋପଣ ଶୁଭାରମ୍ଭ ହୋଇଛି। କରପଡ଼ା ଗ୍ରାମସ୍ଥିତ ରଷିକୁଲ୍ୟା ପାର୍ଶ୍ୱ ଏବଂ ରାମଚଣ୍ଡି ମନ୍ଦିର ପାହାଡ଼ ପାଦ ଦେଶରେ ପୃଥକ ଭାବେ ଜିଲା ଜଳ ବିଭାଜିକା ମିଶନ ପ୍ରକଳ୍ପ ଅଧିକାରୀ ଶୁଭେନ୍ଦୁ କୁମାର ଦାସ ଶୁକ୍ରବାର ଚାରାରୋପଣ କରିଥିଲେ। ଏଥିରେ ବ୍ଲକ ଅଧକ୍ଷ ପ୍ରଶାନ୍ତ କୁମାର ନାୟକ, ଜଳ ବିଭାଜିକା ମିଶନ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଛତ୍ରପୁର ପ୍ରଶାନ୍ତ କୁମାର ହଜାରୀ, ଏପିଡି ବ୍ରହ୍ମପୁର କୁମୁଦ ଚନ୍ଦ୍ର ପାତ୍ର, ଏପିଡି ଭଞ୍ଜନଗର ସୁଧାକର ଶତପଥୀ, ଏଏସ୍‌ସିଓ ରସ୍ମିତା ମିଶ୍ର, ଓଭରସର ହର ପ୍ରସାଦ ରଥ, ସରପଞ୍ଚ ସୁଷମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାମଚଣ୍ଡୀ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ପାର୍କର ଆବଶ୍ୟକତା ଥିବା ବ୍ଲକ ଅଧକ୍ଷ ଜିଲା ଜଳ ବିଭାଜିକା ମିଶନ ପ୍ରକଳ୍ପ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୀଘ୍ର ସେଠାରେ ପାର୍କ ନିର୍ମାଣ ନେଇ ପ୍ରକଳ୍ପ ଅଧିକାରୀ ଦାସ ପ୍ରତିଶ୍ରୁତି ଦେଇଛନ୍ତି। କରପଡ଼ାସ୍ଥିତ ରଷିକୁଲ୍ୟା ପାର୍ଶ୍ୱରେ ୬୭୦ ଏବଂ ରାମଚଣ୍ଡୀରେ ୧୩୪ ନଡ଼ିଆଚାରା ରୋପଣ କରାଯିବା ନେଇ ପ୍ରଶାସନ ଲକ୍ଷ୍ୟ ରଖିଥିବା ଓଭରସିଅ ରଥ କହିଛନ୍ତି।

### ଡେଙ୍ଗୁ ନିରାକରଣ ନେଇ କର୍ମଶାଳା

**ଶେରଗଡ଼,୨୮।୭(ଡି.ଏନ୍.ଏ):** ଶେରଗଡ଼ ବ୍ଲକ ସଭା ଗୃହରେ ଶୁକ୍ରବାର ଡେଙ୍ଗୁ ନିରାକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ବିଡ଼ିଓ ସୁରଞ୍ଜନ କୁମାର ସାହୁ ଓ ତହସିଲଦାର ଡ଼. ଦୟାସିନ୍ଧୁ ପରିଡ଼ା ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡ.ମନ୍ମଥ କୁମାର ବେହେରା, ବିଇଇ କୁଞ୍ଜ ବିହାରି ନାୟକ, ଲିଙ୍ଗରାଜ ରେଡ୍ଡୀ ପ୍ରମୁଖ ଯୋଗଦେଇ ଡେଙ୍ଗୁ ନିରାକରଣ, ଉପଶମ, ପରିବେଶ ସଫା ରଖିବା ଉପରେ ସଚେତନତା କରିବାକୁ କହିଥିଲେ।

■ଯୁକ୍ତ ୩ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ

# ପସନ୍ଦ ଆସୁନି ଘରୋଇ କଲେଜ

■ଜିଲାରେ ଖାଲିପଡ଼ିଲା ୭୩୭୧ ସିଟ୍

■ବହୁ କଲେଜ ଛୁଇଁଲାନି ଦୁଇଅଙ୍କ

**ବ୍ରହ୍ମପୁର ଅଫିସ୍,୨୮।୭**

ଚଳିତ ବର୍ଷ ଯୁକ୍ତ ୩ ପାଇଁ ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ହୋଇଯାଇଛି । ଗଞ୍ଜାମ ଜିଲାରେ ୭ହଜାର ୩୭୧ ସିଟ୍ ଖାଲି ପଡ଼ିଥିବା ସୂଚନା ମିଳିଛି। ଜିଲାର ୬୬ ଡିଗ୍ରୀ କଲେଜରେ ନାମଲେଖା ହୋଇଥିଲା । ଏସବୁ କଲେଜରେ ବିଭିନ୍ନ ବିଭାଗରେ ମୋଟ ୨୧ହଜାର ୪୮୮ ସିଟ୍ ରହିଛି । ସେଥିରୁ ପ୍ରଥମ ପର୍ଯ୍ୟାୟରେ ୧୪ହଜାର ୧୧୭ ସିଟ୍ ପୂରଣ ହୋଇଛି। କଳାରେ ସର୍ବାଧିକ ୧୧ହଜାର ୫୦୪ ସିଟ୍ ରହିଛି । ସେଥିରୁ ୮ହଜାର ୨ ସିଟ୍ ପୂରଣ ହୋଇଥିବା ବେଳେ ଆହୁରି ୩ହଜାର ୫୦୨ ସିଟ୍ ଖାଲି ପଡ଼ିଛି। ଫିଜିକାଲ୍ ସାଇନ୍ସରେ ୩ହଜାର ୯୧୨ ସିଟ୍ ରହିଛି । ୨ହଜାର ୫୭୧ ସିଟ୍ ପୂରଣ ହୋଇଥିବା ବେଳେ ୧୩୪୧ ସିଟ୍ ଖାଲି ପଡ଼ିଛି । ବାୟୋଲୋଜିକାଲ୍ ସାଇନ୍ସରେ ୨ହଜାର ୬୮୦ଟି ସିଟ୍ ରହିଛି। ସେଥିରୁ ୧୯୫୨୫ ପୂରଣ ହୋଇଥିବା ବେଳେ ୭୫୫ ଖାଲି ପଡ଼ିଛି। ବାଣିଜ୍ୟରେ ୩ହଜାର ୩୨୮ ସିଟ୍ ରହିଛି । ୧୫୭୩ ସିଟ୍ ପୂରଣ ହୋଇଥିବା ବେଳେ ୧୭୫୫ ସିଟ୍ ଖାଲି ପଡ଼ିଛି । ସେଲ୍‌ଫ ଫାଇନାନ୍ସରେ ୬୪ ସିଟ୍ ଥିବା ବେଳେ ୪୬ ପୂରଣ ହୋଇଛି । ୧୮ ସିଟ୍ ଫାଙ୍କା ପଡ଼ିଛି । ଅଗଷ୍ଟ ୫ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ । ଘରୋଇ କଲେଜଗୁଡ଼ିକରେ ନାମଲେଖା ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ରହିଛି । ଛାତ୍ରୀଛାତ୍ରମାନେ ଘରୋଇ କଲେଜକୁ ପସନ୍ଦ କରୁନଥିବା କୁହାଯାଉଛି । ଅନେକ କଲେଜରେ ନାମଲେଖାଇଥିବା ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୁଇ ଅଙ୍କ ମଧ୍ୟ ଛୁଇଁଲାନି । ୧୦ରୁ କମ୍‌ରେ ରହିଯାଇଛି ।

ଅପରପକ୍ଷେ ଘରୋଇ କଲେଜଗୁଡ଼ିକରେ ବହୁ ସଂଖ୍ୟାରେ ସିଟ୍ ଖାଲି ପଡ଼ିଛି। ସାମ୍ସ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗାୟତ୍ରୀ ଡିଗ୍ରୀ କଲେଜରେ ଫିଜିକାଲ ସାଇନ୍ସରେ ୭୨ ସିଟ୍ ରହିଥିବା ବେଳେ ମାତ୍ର ୯ଜଣ ନାମ ଲେଖାଇଛନ୍ତି । ୬୩ ସିଟ୍ ଖାଲି ପଡ଼ିଛି । ବାୟଲୋଜିକାଲ୍ ସାଇନ୍ସରେ ୫୩ ସିଟ୍‌ରୁ ମାତ୍ର ୧୩ ପୂରଣ ହୋଇଛି। ୪୩ ଖାଲି ପଡ଼ିଛି । ସେହିଭଳି ନିଷ୍ଟ କଲେଜରେ ଫିଜକାଲ ସାଇନ୍ସରେ ୯୬ ସିଟ୍‌ରୁ ମାତ୍ର ୫ଟି ପୂରଣ ହୋଇଛି । ୯୧ ସିଟ ଖାଲି ପଡ଼ିଛି । ବେଦବ୍ୟାସ ଆବାସିକ ଡିଗ୍ରୀ କଲେଜରେ ଫିଜିକାଲ୍ ସାଇନସରେ ୮୦ ସିଟ୍‌ରୁ ମାତ୍ର ୩ଟିରେ ନାମଲେଖା ହୋଇଛି । ୭୭ ସିଟ୍ ଖାଲି ପଡ଼ିଛି । ବାୟଲୋଜିକାଲ୍ ସାଇନ୍ସରେ ୪୮ଟି ସିଟ୍‌ରୁ ମାତ୍ର ୫ଟି ସିଟ୍‌ରେ ନାମଲେଖା ହୋଇଛି । ୪୩ଟି ଖାଲି ପଡ଼ିଛି । ଭିଗ୍‌ନାନ୍ ଡିଗ୍ରୀ କଲେଜରେ ଫିଜିକାଲ୍ ସାଇନ୍ସରେ ୬୪ଟି ସିଟ୍‌ରୁ ମାତ୍ର ୬ଟି ସିଟ୍ ପୂରଣ ହୋଇଛି । ୫୮ଟି ସିଟ୍ ଖାଲି ପଡ଼ିଛି । ବାଣିଜ୍ୟରେ ୬୪ଟି ସିଟ୍‌ରୁ ମାତ୍ର ଜଣେ ନାମଲେଖାଇଛି। ୬୩ଟି ସିଟ୍ ଖାଲି ପଡ଼ିଛି ।

ସରକାରୀ ମହାବିଦ୍ୟାଳୟଗୁଡ଼ିକ ମଧ୍ୟ ନାମଲେଖା ଆଶାନୁରୂପ ହୋଇନି। ଖଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କଳାରେ ୫୧୨ଟି ସିଟ୍‌ରୁ ୪୨୩ଟି ପୂଣ ହୋଇଥିବା ବେଳେ ୮୯ଟି ସିଟ୍ ଖାଲି ରହିଛି । ଫିଜିକାଲ୍ ସାଇନ୍ସରେ ୨୦୮ ସିଟ୍‌ରୁ ୧୪୩ ପୂରଣ ବେଳେ ୬୫ଟି ଖାଲି ପଡ଼ିଛି । ବାୟଲୋଜିକାଲ୍ ସାଇନ୍ସରେ ୧୭୬ଟି ସିଟ୍‌ରୁ ୧୨୮ଟି ପୂରଣ ହୋଇଥିବା ବେଳେ ୪୮ଟି ଖାଲି ରହିଛି । ବାଣିଜ୍ୟରେ ୩୮୪ଟି ସିଟ୍‌ରୁ ୩୪୪ଟି ପୂରଣ ହୋଇଥିବା ବେଳେ ୪୦ଟି ସିଟ୍ ଖାଲି ରହିଛି । ସେହିଭଳି ଶଶିଭୂଷଣ ରଥ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ କଳାରେ ୩୦୪ଟି ସିଟ୍‌ରୁ ୨୪୬ଟି ପୂରଣ ହୋଇଥିବା ବେଳେ ୫୮ଟି ଖାଲି ପଡ଼ିଛି। ଫିଜିକାଲ୍ ସାଇନ୍ସରେ ୯୬ଟି ସିଟ୍‌ରୁ ୭୬ଟି ପୂରଣ ବେଳେ ୨୦ଟି ଖାଲି ପଡ଼ିଛି । ବାୟୋଲୋଜିକାଲ ସାଇନ୍ସରେ ୬୪ଟି ସିଟ୍‌ରୁ ୪୭ଟି ପୂରଣ ବେଳେ ୧୭ଟି ଖାଲି ପଡ଼ିଛି । ବାଣିଜ୍ୟରେ ୧୨୮ ସିଟ୍‌ରୁ ୧୨୧ ପୂରଣ ହୋଇଥିବା ବେଳେ ମାତ୍ର ୭ ସିଟ୍ ଖାଲି ରହିଛି ।

## ୩ ଦିନ ହେଲା କଳାହାଣ୍ଡି–କନ୍ଧମାଳ ଯୋଗାଯୋଗ ବିଚ୍ଛିନ୍ନ



ରାଜପଥରେ ଅଟକି ରହିଥିବା ଟ୍ରକ୍।

**ବାଲିଗୁଡା,୨୮।୭(ଡି.ଏନ୍.ଏ)**

ଶୁକ୍ରବାର ସନ୍ଧ୍ୟାରୁ ରାତିସାରା ପ୍ରବଳ ବର୍ଷା ହେବା ଫଳରେ କନ୍ଧମାଳ ଜିଲା ସହ କଳାହାଣ୍ଡି ଜିଲାକୁ ତିନି ଦିନ ଧରି ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। କନ୍ଧମାଳ ଜିଲା ଦେଇ ଯାଇଥିବା ୫୯ନଂ. ଜାତୀୟ ରାଜପଥର ତୁମୁଡିବନ୍ଧ ବ୍ଲକ ମୁଣ୍ଡିଗ ନିକଟରେ କଲଭର୍ଟ ଧୋଇହୋଇଯାଇଛି। ତେଣୁ ଶୁକ୍ରବାର ରାତି ୯ଟାଠାରୁ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଥିପାଇଁ ରାସ୍ତାର ଉଭୟ ପାର୍ଶରେ ଶତାଧିକ ଗାଡି ଅଟକି ରହିଛି। ଫଳରେ ଯାତ୍ରୀମାନେ ବଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ଅଧା ରାସ୍ତାରୁ ନିଜ ଘରକୁ ଫେରି ଯିବାପାଇଁ ବାଧ ହୋଇଥିଲେ। ମାଲବାହୀ ଟ୍ରକ ସବୁ ରାସ୍ତା କଡରେ ୩ ଦିନ ଧରି ଅଟକି ରହିଥିବାରୁ ଡ୍ରାଇଭରମାନେ ଟ୍ରକ ତଳେ ରୋଷେଇ କରୁଥିବା ଦେଖିବାକୁ ମିଳୁଛି। ରାସ୍ତା ଧୋଇଯିବା ଫଳରେ ମ.ରାମପୁର–କଟକ, ଭବାନୀପାଟଣା–ଭୁବନେଶ୍ୱର, ବଲାଙ୍ଗିର–ବାଲିଗୁଡା, ଧର୍ମଗଡ଼–ଭୁବନେଶ୍ୱର, ରାମପୁର–ଫୁଲବାଣୀକୁ ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ସୂଚନା ଥାଉକି, ଆର୍‌କେଡି ଠିକା ସଂସ୍ଥା ଦାରା ୫୯ନଂ.ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିବା ବେଳେ ମୁଣ୍ଡିଗଡ଼ ନିକଟରେ ଏକ ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିଲା। ତେଣୁ ପୋଲ କଡ଼ରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇ ଉକ୍ତ ରାସ୍ତାରେ ଗାଡି ଚଳାଚଳ କରୁଥିଲା।

## କେନ୍ଦ୍ରୀୟ ବିଦ୍ୟାଳୟର ସହଭାଗିତା କାର୍ଯ୍ୟକ୍ରମ

**ଆସିକା,୨୮।୭(ଡି.ଏନ୍.ଏ.)**



ସହଭାଗିତା କାର୍ଯ୍ୟକ୍ରମରେ ଅଧକ୍ଷା ଓ ଛାତ୍ରୀଛାତ୍ର।

ଆସିକାସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟରେ ଶନିବାର ଏକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟ ଓ ନିକଟସ୍ଥ ଧୋବାଡି ପ୍ରାଥମିକ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ବିଷୟରେ ରହିଥିବା ଅନ୍ତର୍ନିହିତ ଜ୍ଞାନର ଉପସ୍ଥାପନା କରାଯାଇଥିଲା। କାର୍ଯ୍ୟକ୍ରମକୁ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଜୟଶ୍ରୀ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଓ ଇଂଲିଶ ମାଧ୍ୟମରେ ଶିକ୍ଷାଦାନ କରାଯାଉଥିଲାବେଳେ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଓଡିଆ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସହଭାଗିତା କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାର ବିକାଶ ସାଙ୍ଗକୁ ସେମାନଙ୍କ ମଧ୍ୟରେ ରହିଥିବା ଅନ୍ତର୍ନିହିତ ଜ୍ଞାନକୁ ପରସ୍ପର ମଧ୍ୟରେ ସହଭାଗିତା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଥିବା ଅଧକ୍ଷା ତ୍ରିପାଠୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍କାଉଟ୍, ଗାଇଡ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ଧୋବାଡିବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

## ଏସ୍‌ଏଚ୍‌ଜି ସମନ୍ୱୟ, ବୃକ୍ଷ ପୋଷ୍ୟ ଗ୍ରହଣ ମେଳା

**ଛତ୍ରପୁର,୨୮।୭(ଡି.ଏନ.ଏ.)–** ଛତ୍ରପୁରସ୍ଥିତ ଜିଲା ସଂସ୍କୃତି ଭବନରେ ଏସ୍‌ବିଆଇ ପକ୍ଷରୁ ବୁଧବାର ମହିଳା ସ୍ୱଂୟ ସହାୟିକା ଗୋଷ୍ଠି ସମନ୍ୱୟ ମେଳା ଓ ବୃକ୍ଷ ପୋଷ୍ୟ ଗ୍ରହଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତିର ସଶକ୍ତିକରଣ ପାଇଁ ବ୍ୟାଙ୍କ ପକ୍ଷରୁ ୧୬୫ ମହିଳା ସ୍ୱଂୟ ସହାୟିକା ଗୋଷ୍ଠିକୁ ଋଣ ପ୍ରଦାନ କରାଯାଇଥିଲା। ଏଥିରେ ଏସ୍‌ବିଆଇ ମୁଖ୍ୟ ମହାପ୍ରବନ୍ଧକ ପ୍ରବିଣା କାଲା ଯୋଗଦେଇଥିଲେ। ଏସ୍‌ଏଚ୍‌ଜି ଗ୍ରୁପ୍ ମାନଙ୍କୁ ଚାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏସ୍‌ବିଆଇ ଆଞ୍ଚଳିକ ପ୍ରବନ୍ଧକ (ବ୍ରହ୍ମପୁର) ହରିହର ପଟ୍ଟନାୟକ, ଡିଜିଏମ୍ ଧ୍ରୁବ ଚରଣ ବଳ, ଛତ୍ରପୁର ଶାଖାର ଚିଫ୍ ମ୍ୟାନେଜର ଶ୍ୟାମ ସୁନ୍ଦର ତାଣ୍ଡି, ଅମରଜିତ ବେହେରା, ମହେନ୍ଦ୍ର ବର୍ଗତ୍ତି, ବୃନ୍ଦାବନ ବେହେରା, ଦେବ ପ୍ରସାଦ ମିଶ୍ର, ମିଶନ ଶକ୍ତିର ଡିପିଏମ୍ ନବୀନ କୁମାର ସେନାପତି, ବିପିଏମ୍ ମାନିନି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବାହ୍ୟ ମଳମୁକ୍ତ କରିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ଖଲ୍ଲିକୋଟ,୨୮।୭(ଡି.ଏନ.ଏ.)**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଖଲ୍ଲିକୋଟ ବ୍ଲକ ଗସ୍ତରେ ଆସି ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନା, ଏବିଡିଓ ଗଗନ ବିହାରୀ ପଟ୍ଟନାୟକ, ଗଞ୍ଜାମ ଜିଲାପାଳଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୧୫ ସୁଦ୍ଧା ଖଲ୍ଲିକୋଟ ବ୍ଲକର ପ୍ରତି ଗ୍ରାମକୁ ବାହ୍ୟ ମଳମୁକ୍ତ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବାକି ରହିଯାଇଥିବା ପାଇଖାନା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଜେଇ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ। ଏଥିରେ ବହୁ ଜିଆର୍‌ଏସ୍, ଭିଏଲଡବ୍ଲୁ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

## ହାଇକୋର୍ଟ ପ୍ରତିଷ୍ଠା ଦିବସରେ ଚାରାରୋପଣ

**ଦିଗପହଣ୍ଡି,୨୮।୭(ଡି.ଏନ.ଏ.)**



ଚାରା ରୋପଣ ପାଇଁ ଛାତ୍ରୀଛାତ୍ର ପ୍ରସ୍ତୁତ ହେଉଛନ୍ତି।

ରାଜ୍ୟ ହାଇକୋର୍ଟ ପ୍ରତିଷ୍ଠା ଦିବସ ଅବସରରେ ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ବିଭିନ୍ନ ସରକାରୀ ଅନୁଷ୍ଠାନ ପରିସରରେ ଚାରାରୋପଣ କରାଯାଇଛି। ଆଇନ ସେବା କମିଟି ସମ୍ପାଦକ କିଶୋର ଚନ୍ଦ୍ର ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓକିଲ ସଂଘ ସମ୍ପାଦକ ହର ପ୍ରସାଦ ରଥ, ଉପସଭାପତି ବିଜୟ କୁମାର ପ୍ରଧାନ, ସରକାରୀ ଓକିଲ ନକୁଳ ପ୍ରଧାନ, କୋର୍ଟ କର୍ମଚାରୀ କାଳିଆ ନାୟକ, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଚାରାରୋପଣରେ ସହାୟତା କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ବଳରାମ ମହାନ୍ତିଙ୍କ ସମେତ ଛାତ୍ରୀଛାତ୍ର ସହଯୋଗ କରଥିଲେ। ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟର ଅଧକ୍ଷା ସ୍ୱାଗତିକା ପାତ୍ର, ସସ୍ମିତା ପାଠି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅମରେଶ କୁମାର ସସାନି, ଫାର୍ମାସିଷ୍ଟ ପି.କାମରାଜୁ, ଷ୍ଟାଫନର୍ସ ସୀତାମଣି ଭୂୟାଁ, ଦିଗପହଣ୍ଡି ସବଜେଲର କାରାଧିକ୍ଷକ କେଦାରନାଥ ବେହେରା ପ୍ରମୁଖ ଚାରା ରୋପଣ କରିଥିଲେ।

## ଭାଗବତ କଥାମୃତ

**ଆସିକା,୨୮।୭(ଡି.ଏନ୍.ଏ.)**

ଆସିକା ଏନ୍‌ଏସିର ଖମ୍ବେଶ୍ୱରୀପାଟଣାସ୍ଥିତ ଗୋପିନାଥ ମନ୍ଦିର ପରିସରରେ ବୁଧବାର ଠାରୁ ଭାଗବତ କଥାମୃତ ପ୍ରବଚନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟହ ସନ୍ଧ୍ୟା ୭ଟା ରୁ ୯ଟା ଯାଏ ଏହି କାର୍ଯ୍ୟକ୍ରମ ଚାଲୁଛି। ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଚାଲିବ। ବ୍ରହ୍ମପୁର ଆଙ୍କୁଶପୁରସ୍ଥିତ ଇସ୍କନ ଶ୍ରୀରାମ ଗୋବିନ୍ଦ ମନ୍ଦିର ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବୃନ୍ଦାବନସ୍ଥିତ ଇସ୍କନ ଭାଗବତ ମହାବିଦ୍ୟାଳୟର ପ୍ରବକ୍ତା ମଥୁରାଧିଶ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ସୁଦାମା ଚରିତ୍ର ଉପରେ ପ୍ରବଚନ ଦେଉଛନ୍ତି।

## ଉତ୍କଳ ସ୍ୱାଭିମାନ ମଞ୍ଚ ବୈଠକ



ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

**ଗଞ୍ଜାମ,୨୮।୭(ଡି.ଏନ.ଏ.)**

ରମ୍ଭାସ୍ଥିତ ଲେକ୍ କୁଇନ୍ ଲଜ୍‌ରେ ଶନିବାର ଉତ୍କଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସହଦେବ ଗୌଡ଼ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍କଳ ସ୍ୱାଭିମାନ ମଞ୍ଚ ସଭାପତି ରାଧାକାନ୍ତ ଦାସ, ସମ୍ପାଦକ ପ୍ରଭାକର ତ୍ରିପାଠୀ, ଉପଦେଷ୍ଟା ବ୍ରଜ କିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୩୫ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ରମ୍ଭା ହାଇସ୍କୁଲରେ ସ୍ଥାପନ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ରମ୍ଭା ପୁରାତନ ଛାତ୍ର ସଂସଦ ଏବଂ ରମ୍ଭା ହାଇସ୍କୁଲ ପରିଚାଳନା କମିଟି ଏଥିରେ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା।

■ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା ଅଭିଯୋଗ

## ସ୍ଥଗିତାଦେଶ ପରେ ନିର୍ମାଣ ଚାଲିଛି ମାର୍କେଟ କମ୍ପ୍ଲେକ୍ସ

**ପୁରୁଷୋତ୍ତମପୁର,୨୮।୭(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ଏନଏସି ମଧ ଦେଇ ଆସ୍କା–ହୁମ୍ମାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର କଲେଜଛକ ନିକଟରେ ବିବାଦୀୟ ଜାଗାରେ ନିର୍ମାଣ କରାଯାଉଥିବା ମାର୍କେଟ କମ୍ପ୍ଲେକ୍ସକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ ସାମାଜିକ କର୍ମୀ ଅଶୋକ କୁମାର ସାମନ୍ତରାୟ। ରାଜ୍ୟ ସରକାରଙ୍କ ୱାର୍କ୍ସ ବିଭାଗ ସଚିବ, ରାସ୍ତା ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ, ଗଞ୍ଜାମ ଜିଲାପାଳ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗଞ୍ଜାମ–୨ ବ୍ରହ୍ମପୁର, ଓ ପୁରୁଷୋତ୍ତମପୁର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରି ମାମଲା ଦାୟର କରିଥିଲେ। ହାଇକୋର୍ଟ ଗତ ୧୮ ତାରିଖରେ ଏହାର ଶୁଣାଣି କରି କାର୍ଯ୍ୟର ସ୍ଥିତାବସ୍ଥା ବଜାୟ ରଖି ଅଗଷ୍ଟ ୫ ସୁଦ୍ଧା ଜବାବ ଦାଖଲ କରିବାକୁ ସମସ୍ତ ପକ୍ଷଭୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶନାମା ଏନ୍‌ଏସି କର୍ତ୍ତୃପକ୍ଷଙ୍କଠାରେ ପହଞ୍ଚିଥିଲେ ମଧ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଖାତିର ନକରି ଏନ୍‌ଏସି ପ୍ରଶାସନ ଘର ନିର୍ମାଣ କରିବାରେ ଲାଗିଛନ୍ତି। ଏହା ବିରୋଧରେ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଅଶୋକ କୁମାର ସାମନ୍ତରାୟ କହିଛନ୍ତି। ଏହାକୁ ନେଇ ଏନ୍‌ଏସି ନିର୍ବାହୀଅଧିକାରୀ ଏ. ନାଗେଶ୍ୱର ରାଓଙ୍କୁ ପଚାରିବାରୁ, ତାଙ୍କ ନିକଟକୁ ହାଇକୋର୍ଟର କୌଣସି ନିର୍ଦ୍ଦେଶନାମା ସରକାରୀ ଭାବେ ଆସିନାହିଁ। ଯେଉଁ ନିର୍ଦ୍ଦେଶନାମା ସମ୍ପୃକ୍ତ ବ୍ୟକ୍ତି ଦେଇଛନ୍ତି, ସେଥିରେ କେଉଁ ସ୍ଥାନରେ ଚାଲିଥିବା କାର୍ଯ୍ୟ ତାହାର ଖାତା ନଂ. କିମ୍ବା ପ୍ଲଟ ନଂ ଉଲ୍ଲେଖ ନାହିଁ। ତେଣୁ ସମସ୍ତ ସ୍ଥାନରେ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି।

# ଅଘୋଷିତ ବିଦ୍ୟୁତ୍ କାଟ୍, ଲୋକେ ଅତିଷ୍ଠ

**ଚିକିଟି,୨୮।୭ (ଡି.ଏନ.ଏ.)**



ଅଧାପନ୍ତରିଆ ଅବସ୍ଥାରେ ଥିବା ସବଷ୍ଟେଶନ।

ଚିକିଟି ବ୍ଲକ୍‌ର ୧୭ ପଞ୍ଚାୟତର ବିଭିନ୍ନ ଗ୍ରାମାଞ୍ଚଳରେ ଗତ କିଛି ଦିନ ହେଲା ଘନଘନ ବିଦ୍ୟୁତ୍ କାଟ୍ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଗତ ମାର୍ଚ୍ଚ ମାସରୁ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହୁଥିବା ବେଳେ ବିଦ୍ୟୁତ୍ କାଟ ଯୋଗୁ ଚିକିଟି ସମେତ ଆଖପାଖ ଅଞ୍ଚଳର ଲୋକମାନେ ଅତିଷ୍ଠ ହୋଇପଡିଲେଣି। ସାମାନ୍ୟ ବର୍ଷା ଓ ପବନ ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଛି। ଫଳରେ ପିଲାମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଛି। ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୧୨ଟି ୱାର୍ଡରେ ଥିବା ପୁରୁଣା ବିଦ୍ୟୁତ୍ ଖୁଣ୍ଟ ଓ ତାରକୁ ବଦଳା ଯାଉନାହିଁ। ଫଳରେ ଚିକିଟିରେ ଅବସ୍ଥିତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ଓ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ବ୍ଲକ୍‌ର ୧୭ଟି ପଞ୍ଚାୟତକୁ ଦିଗପହଣ୍ଡି ଗ୍ରୀଡ୍‌ରୁ ୩୩ କେଭି ତାର ମାଧ୍ୟମରେ ଚିକିଟି ସବ୍‌ଷ୍ଟେଶନ୍‌କୁ ବିଦ୍ୟୁତ ଆସୁଛି । ଉକ୍ତ ସବ୍‌ଷ୍ଟେଶନ୍‌ରୁ ୧୧କେଭି ତାର ମାଧ୍ୟମରେ ୩ଟି ଫିଡର ଜରିଆରେ ବିଦ୍ୟୁତ୍ ଯୋଗାଇ ଦିଆଯାଉଛି। ପ୍ରଥମ ଫିଡର ଚିକିଟିପେଣ୍ଠ ଓ ଗଡ, ଦ୍ୱିତୀୟ ଫିଡରରେ ୧୦ ଗ୍ରାମ ଓ ତୃତୀୟ ଫିଡରରେ ଅନ୍ୟ ୧୦ ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି। କିନ୍ତୁ ଚିକିଟିଠାରୁ କେ.ନୂଆଗାଁ ଦେଇ ନୂଆପଡା ପର୍ଯ୍ୟନ୍ତ ଟଣାଯାଇଥିବା ବିଦ୍ୟୁତ ତାର ଏକାଧିକ ଘଞ୍ଚଜଙ୍ଗଲ ଦେଇ ଯାଇଥିବାରୁ ଏହି ଲାଇନ୍‌ରେ ଅଧିକାଂଶ ସମୟରେ ବିଭ୍ରାଟ ଦେଖାଦେଉଛି। ଏହାକୁ ସୁଧାରିବା ପାଇଁ ଚାନ୍ଦପୁର ପଞ୍ଚାୟତର ପତ୍ରପୁଟି ଗ୍ରାମଠାରେ ୨୦୧୮ରେ ଓଡିଏସ୍‌ଏସ୍‌ପି ଆନୁକୁଲ୍ୟରେ ଏକ ସବ୍‌ଷ୍ଟେସନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏଠାକୁ ଦିଗପହଣ୍ଡି ଗ୍ରୀଡିରୁ ୩୩ କେଭି ତାର ମାଧମରେ ଆସିବ । ସେଠାରୁ ୧୧ କେଭି ତାର ମାଧମରେ ତୃତୀୟ ଫିଡରରୁ ଯାଇଥିବା ଗ୍ରାମଗୁଡିକୁ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ୨ ବର୍ଷ ଧରି ବିତିଯାଇଥିଲେ ସୁଦ୍ଧା ଏହି ସବ୍‌ଷ୍ଟଶନ୍ କାମର ନା ନାହିଁ। ଫଳରେ ଘଞ୍ଚ ଜଙ୍ଗଲ ଦେଇ ଯାଇଥିବା ବିଦ୍ୟୁତ ତାର ପବନ କିମ୍ବା ବର୍ଷା ହେଲେ ଅଧିକାଂଶ ସମୟ ବିଭ୍ରାଟ ଘଟୁଛି । ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର କାର୍ଯ୍ୟନିର୍ବାହି ଯନ୍ତ୍ରୀଙ୍କ ସହ ଯୋଗାଯୋଗ ବେଳେ ଏହାକୁ ସ୍ୱିକାର କରିବା ସହ ନୂଆପଡାରେ ଓଡିଏସ୍‌ଏସ୍‌ପି ଆନୁକୁଲ୍ୟରେ ୪ପର୍ଯ୍ୟାୟରେ ୩୩ କେଭିର ଏକ ଭିସିବି ପ୍ରତିଷ୍ଠା ହେବା ପାଇଁ ପ୍ରସ୍ତାବ ରହିଛି। ଶୀଘ୍ର ଏହି ସମସ୍ୟା ଦୂର ହୋଇଯିବ ବୋଲି କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ସୋମବାର, ଜୁଲାଇ ୨୯/୨୦୧୯ Berhampur, Monday, July 29/2019

## ସଂକ୍ଷେପରେ

### ଋଣ ଟଙ୍କା ମାଗିବାରୁ ଯୁବକଙ୍କୁ ମାଡ଼

ଗୋପାଳପୁର,୨୮।୭: ଋଣ ଟଙ୍କା ମାଗିବାରୁ ୩ଜଣ ଯୁବକ ମିଶି ଜନୈକ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏହି ଥାନା ନୂଆବକ୍ସିପଲ୍ଲୀ ଗ୍ରାମର କେ. ରମେଶ ୩ ଜଣ ଯୁବକଙ୍କ ସହ ମିଶି ଶନିବାର ରାତି ପ୍ରାୟ ୮ଟାରେ ନିଜ ଗାଁରେ ବସିଥିଲେ। ଏହି ସମୟରେ କେ. ରମେଶ ଋଣ ଥିବା ଟଙ୍କାକୁ ସମ୍ପୃକ୍ତ ୩ ଜଣ ଯୁବକଙ୍କୁ ମାଗିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଉକ୍ତ ୩ ଯୁବକ ରାଗିଯାଇ ରମେଶଙ୍କୁ ଗାଳିଗୁଲଜ କରିବା ସହ ନିସ୍ତୁକ ମାଡ଼ ମାରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏ ନେଇ ରବିବାର ରମେଶ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୯/୧୯ରେ ମାମଲା ରୁଜୁ କରିଛି। ରମେଶ ବର୍ତ୍ତମାନ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

### ସଚେତନ କଲା ପୋଲିସ

ଆସିକା,୨୮।୭(ଡି.ଏନ.ଏ): ଗାଙ୍ଗପୁର ଥାନା ଆମ ପୋଲିସ ସମିତି ପକ୍ଷରୁ ନିମିନା ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇନ ଶୃଙ୍ଖଳା ପରିସ୍ଥିତିଠାରୁ ଆରମ୍ଭ କରି ବିଭିନ୍ନ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ଅଞ୍ଚଳର ୨୦ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ସମିତିର ଅଧକ୍ଷ ତଥା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଆସିକା ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ ଓ ମୁଖ୍ୟବକ୍ତା ଭାବେ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ପ୍ରଦ୍ୟୁମ୍ନ ପାତ୍ର, ସରପଞ୍ଚ ମନୋଜ କୁମାର ପୋଲାଇ, ଦିବାକର ଭୂୟାଁ, ସରପଞ୍ଚ ପ୍ରତିନିଧି ରବି ବିଷୋୟୀ, ରତ୍ନାକର ସାହୁ, ଜୟରାମ ନାୟକ, ଦେବରାଜ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାଲ୍ୟ ବିବାହ ନ କରାଇବା, ହେଲ୍‌ମେଟରେ ବ୍ୟବହାର, ଅନ୍ଧ ବିଶ୍ୱାସରୁ ଦୂରେଇ ରହିବା ସହ ଏହାକୁ ପୋଲିସର ଦୃଷ୍ଟିକୁ ଆଣିବା, ବୃଦ୍ଧ ମାତାପିତାଙ୍କ ଠିକ୍ ଯତ୍ନ ନେବା, ୬ରୁ ୧୪ ବର୍ଷ ପିଲାଙ୍କୁ ବାଧତାମୂଳକ ଭାବେ ପାଠ ପଢାଇବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶେଷରେ ଅତିଥିମାନେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ।

### ବର୍ଷାରେ କାନ୍ଥ ପଡ଼ିଲା

ବେଗୁନିଆପଡ଼ା,୨୮।୭(ଡି.ଏନ.ଏ.): ବେଗୁନିଆପଡ଼ା ବ୍ଲକ କେ ବରିଡ଼ା ଗ୍ରାମରେ ରବିବାର ଲଗାଣ ବର୍ଷାରେ ବାବୁଲି ବେହେରାଙ୍କ କାନ୍ଥ ପଡି ଯାଇଛି। ଏଥିରେ କୌଣସି ଧନ ଜୀବନ କ୍ଷତି ହୋଇନାହିଁ। ଶନିବାରଠାରୁ ବର୍ଷା ଲଗି ରହିବାରୁ ଏହି ଘଟଣା ଘଟିଛି।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଆସିକା,୨୮।୭(ଡି.ଏନ.ଏ): ଶାନ୍ତିକୁଞ୍ଜ ହରିଦ୍ୱାର ଗାୟତ୍ରୀ ପରିବାର ପକ୍ଷରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ କୃତୀ ପ୍ରତିଯୋଗୀଙ୍କୁ ରବିବାର ମଧ୍ୟାହ୍ନରେ ଏଠାରେ ସମ୍ବର୍ଦ୍ଧନା ଦିଆଯିବା ସହ ପୁରସ୍କୃତ କରାଯାଇଛି । ଆସିକା ଟାଉନ ହଲ ପରିସରରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଜିଲା ସଂଯୋଜକ ଜ୍ୱାଲା ପ୍ରସାଦ ଆଚାରୀ ଅଧକ୍ଷତା କରିଥିଲେ। ଆସିକା ବିଡିଓ ଗାୟତ୍ରୀଦତ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ପ୍ରାଧାପକ ଡ. ବୃନ୍ଦାବନ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଶରତ ଚନ୍ଦ୍ର ତ୍ରିପାଠୀ, ଗୋକୁଳ ଚନ୍ଦ୍ର ନାୟକ, ଲକ୍ଷ୍ମୀନାରାୟଣ ମହାରଣା, ତ୍ରିନାଥ ସେଠୀ, ବାଞ୍ଛାନିଧି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ହାଇସ୍କୁଲ ସ୍ତରରେ ଝାଂସି ରେଡ୍ଡୀ, ସୁଶାନ୍ତ ସ୍ୱାଇଁ, ଶଙ୍କର୍ଷଣ ପ୍ରଧାନ, ମହେନ୍ଦ୍ର ରେଡ୍ଡୀ, ଶିବାନୀ ପ୍ରଧାନ, ସାଇଶ୍ରୀ ପଣ୍ଡା, ମନିଷା ଜେନା ଏବଂ ମହାବିଦ୍ୟାଳୟ ସ୍ତରରେ ମିନତି ଭୂଷଣ, ଜାନକୀ ମହାପାତ୍ର ପ୍ରମୁଖଙ୍କୁ ଜିଲାସ୍ତରରେ ପ୍ରଥମସ୍ଥାନ ଅଧିକାର ଲାଗି ପୁରସ୍କୃତ କରାଯାଇଥିଲା।

## କାୟକଳ୍ପ ଆୱାର୍ଡ ପାଇଁ ଆକଳନ

# ବହୁ ପଛରେ ଗଞ୍ଜାମର ୨୦ ସ୍ୱାସ୍ଥ୍ୟକେନ୍ଦ୍ର

■ସିଟି ହସ୍ପିଟାଲ ପ୍ରଦର୍ଶନ ନୈରାଶ୍ୟଜନକ

■ ପ୍ରଥମରେ ଛତ୍ରପୁର ହସ୍ପିଟାଲ

ଛତ୍ରପୁର,୨୮।୭(ଡି.ଏନ.ଏ.)

କାୟକଳ୍ପ ଆୱାର୍ଡ ପାଇବା ପାଇଁ ଗଞ୍ଜାମ ଜିଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଇଣ୍ଟରନାଲ ଆସେସମେଣ୍ଟ ସରିଛି । ଏଥିରୁ ମିଳିଥିବା ସୂଚନା ଅନୁସାରେ ବ୍ରହ୍ମପୁରସ୍ଥିତ ସିଟି ହସ୍ପିଟାଲ ସମେତ ୨୦ ସ୍ୱାସ୍ଥ୍ୟକେନ୍ଦ୍ର ଆୱାର୍ଡ ପାଇଁ ଥିବା ସମସ୍ତ ସର୍ତ୍ତ ପୂରଣ କରିବାରେ ବହୁତ ପଛରେ ରହିଥିବାରୁ କାୟକଳ୍ପ ପାଇଁ ଯୋଗ୍ୟ ନ ହେବା ଏକପ୍ରକାର ନିଶ୍ଚିତ ହୋଇଛି । ୧୦୦ରୁ ୭୦ ପ୍ରତିଶତ ମାର୍କ ମିଳିଲେ କାୟକଳ୍ପ ଆୱାର୍ଡ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଯୋଗ୍ୟ ବିବେଚିତ ହୋଇଥାଏ । ମାର୍କ ଅନୁସାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱତନ୍ତ୍ର ଅନୁଦାନ ମିଳିଥାଏ। ପ୍ରତିବର୍ଷ ଏଥିପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକର ଇଣ୍ଟରନାଲ ଆସେସମେଣ୍ଟ ହୋଇଥାଏ। ପରେ ଏକ୍ସଟର୍ନାଲ ଆସେସମେଣ୍ଟ ହୋଇ ଚୂଡାନ୍ତ ହୋଇଥାଏ। ସୋରଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ୬୯ ପ୍ରତିଶତ ମାର୍କ ମିଳିଥିବା ବେଳେ କବିସୂର୍ଯ୍ୟନଗରକୁ ୬୮, ବଡ଼ଗଡ଼କୁ ୬୭, ବୋମକେଇ ୬୭, ଖଲ୍ଲିକୋଟ ଓ ଦିଗପହଣ୍ଡିକୁ ୬୫ ପ୍ରତିଶତ ମାର୍କ ମିଳିଛି। ସେହିପରି ଆଡପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ୬୪, ସିଟି ହସ୍ପିଟାଲକୁ ୬୩, ବେଲଗୁଣ୍ଠାକୁ ୬୨, ମୁନିସିପେଣ୍ଟକୁ ୬୧, ଖଣ୍ଡଦେଉଳି, ଶେରଗଡ଼, ବାଲିସିରା, ସୁମଣ୍ଡଳକୁ ୫୨ ପ୍ରତିଶତ ଲେଖାଏ ମାର୍କ ମିଳିଛି। ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫୦ ପ୍ରତିଶତ, ଗିରିଶୋଲକୁ ୪୮, କେଲୁଆପାଲି ଓ କୁକୁଡ଼ାଖଣ୍ଡିକୁ ୪୨ ପ୍ରତିଶତ ଲେଖାଏ, ଗାଲେରିକୁ ୪୧ ଓ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୬୮ ପ୍ରତିଶତ ମାର୍କ ମିଳିଛି । ଏସବୁ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ୭୦ ପ୍ରତିଶତରୁ ବହୁତ ତଳେ ରହିଛି। ଅନ୍ୟପକ୍ଷରେ ଛତ୍ରପୁର ଉପଖଣ୍ଡ ହସ୍ପିଟାଲ ସମେତ ୧୩ ସ୍ୱାସ୍ଥ୍ୟକେନ୍ଦ୍ରକୁ ୭୦ ଓ ତାଠାରୁ ଅଧିକ ମାର୍କ ମିଳିଛି । ସେଗୁଡିକ ହେଲା ଛତ୍ରପୁର ଓ ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲ, କୋଦଳା, ଆସିକା, ଭାଟକୁମରଡ଼ା, ପୁରୁଷୋତ୍ତମପୁର, ପୋଲସରା, ଗୋବରା, ବେଲଗାଁ, ହିଞ୍ଜିଳି, ବୁଗୁଡ଼ା, ଧରାକୋଟ ଓ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର । ଛତ୍ରପୁର ହସ୍ପିଟାଲକୁ ୯୧ ପ୍ରତିଶତ ମାର୍କ ମିଳିଛି ଯାହାକି ଜିଲାରେ ପ୍ରଥମ।



ଛତ୍ରପୁର ହସ୍ପିଟାଲ ।

# ମୁକୁଳା ଟ୍ରାନ୍ସଫର୍ମର, ବିପଦରେ ଜନଜୀବନ


ମୁକୁଳା ଟ୍ରାନ୍ସଫର୍ମର।

କବିସୂର୍ଯ୍ୟନଗର,୨୮।୭

ବିଦ୍ୟୁତ୍ ବିଭାଗର ଅବହେଳା। କେଉଁଠି ତାର ଝୁଲି ରହୁଛି ତ, କେଉଁଠି ତାରରେ ଲତା ମାଡ଼ି ଚାଲିଛି ଏବଂ ଅନ୍ୟ କେଉଁଠି ମୁକୁଳା ଟ୍ରାନ୍ସଫର୍ମର। ସାମାନ୍ୟ ଅସାବଧାନତା ହେତୁ ଜୀବନ ଯାଇପାରେ। କବିସୂର୍ଯ୍ୟନଗର ଶ୍ରୀଚନ୍ଦ୍ରଶେଖର ହାଇସ୍କୁଲ ମାତ୍ର ୨୦ ମିଟର ଦୂରରେ, ଜଟେଶ୍ୱର ମନ୍ଦିର ସମ୍ମୁଖ, ନାରାୟଣପୁର ଶାସନ ଛକ, ଗୌଡ଼ଡ଼ିପ ସ୍କୁଲ ନିକଟ ଆଦି ସମସ୍ତ ଟ୍ରାନ୍ସଫର୍ମର ମୁକୁଳା ଓ ବିପଜ୍ଜନକ ଅବସ୍ଥାରେ ରହିଛି। ଚାରିପଟେ ଲୁହା ତାର ନ ଥିବା ଯୋଗୁ ଗୃହପାଳିତ ପଶୁ ଓ ଲୋକମାନଙ୍କ ପ୍ରତି ବିପଦ ରହିଛି। ସ୍କୁଲ ନିକଟଥିବାରୁ ଛାତ୍ରୀଛାତ୍ର ଅସାବଧାନତା କାରଣରୁ ଜୀବନ ଚାଲିଯିବାର ଭୟ ରହିଛି। ଏ ନେଇ ବ୍ରାହ୍ମଣଶାସନବାସୀ ଅନେକ ଅଭିଯୋଗ କଲେ ସୁଦ୍ଧା ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ତେଣୁ ଭବିଷ୍ୟତରେ ଯଦି କୌଣସି ଅଘଟଣ ଘଟେ ସେଥିନିମନ୍ତେ ବିଦ୍ୟୁତ ବିଭାଗର ଅଧିକାରୀମାନେ ଉତ୍ତରଦାୟୀ ରହିବେ ବୋଲି ଦାବି ହୋଇଛି।

## ଡକାୟତି ଘଟଣା: ଆଉ ଜଣେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

ଗୋପାଳପୁର,୨୮।୭

୨୦୧୮ରେ ଡକାୟତି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟତମ ଅଭିଯୁକ୍ତଙ୍କୁ ୧୩ ମାସ ପରେ ଗୋଳନ୍ଥରା ଥାନା ପୋଲିସ ରବିବାର କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଗିରିସୋଲା ଗ୍ରାମର ଆପି ସେଠୀ। ୧ ଜୁନ୍ ୨୦୧୮ରେ ଏହି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥ ଆର.ସୁବାଣି ଗ୍ରାମରେ ଏକ କାର୍ ଚାଳକଙ୍କୁ ପାଞ୍ଚ ଜଣ ମିଶି ନିସ୍ତୁକ ମାଡ ମାରିବା ସହ ଗାଡ଼ି ଛଡ଼ାଇ ନେଇ ଯାଇଥିଲେ। କୃଷ୍ଣଚନ୍ଦ୍ର ସ୍ୱାଇଁଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୦୮/୧୮ ମାମଲା ରୁଜୁ କରି ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ଆପି ସେହି ଦିନରୁ ଫେରାର ଥିଲେ। ଶନିବାର ରାତିରେ ଆପି ଘରେ ଥିବା ସମୟରେ ପୋଲିସ ଗିରଫ କରିଥିଲା। ଏହି ମାମଲାରେ ଅନ୍ୟ ୩ ଜଣ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନାଥାଉକି, ଇନୋଭା କାରରେ ୩ ଜଣ ବ୍ୟକ୍ତି ବିଶାଖାପାଟଣାରୁ ବ୍ରହ୍ମପୁର ଆସୁଥିବା ବେଳେ ଆର.ସୁବାଣି ଗ୍ରାମ ନିକଟରେ ପାଞ୍ଚ ଜଣ ଯୁବକ କାରକୁ ଅଟକାଇ ଥିଲେ। ପରେ ଧମକ ଚମକ କରି କାରକୁ ଛଡେଇ ନେଇ ଯାଇଥିଲେ।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୨୮।୭(ଡି.ଏନ.ଏ.)

ଜନୈକା ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରିରୀକ ସମ୍ପର୍କ ରଖିବା ଏବଂ ତାଙ୍କର ଅଶ୍ଳୀଳ ଭିଡିଓକୁ ଭାଇରାଲ କରିବା ଅଭିଯୋଗରେ ବୁଗୁଡ଼ା ପୋଲିସ ରବିବାର ଜଣେ ଯୁବକଙ୍କୁ କୋର୍ଟଚାଲାଣ କରିଛି। ଗିରଫ ଯୁବକ ହେଲେ ବୁଗୁଡ଼ା ଥାନା ଭୋଗଡ଼ା ଗ୍ରାମର ସଞ୍ଜୟ ମିଶ୍ର। ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୪୭/୧୯ରେ ମାମଲା ରୁଜୁ କରିଥିଲା। ୪ ବର୍ଷ ତଳେ ଯୁବକ ଜଣକ ଏକ ବିବାହ ଉତ୍ସବରେ ଯୁବତୀଙ୍କୁ ଭେଟିଥିଲେ। ପରେ ତାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ମଧ୍ୟ ରଖି ଆସୁଥିଲେ। ଗତ ଦୁଇ ସପ୍ତାହ ତଳେ ଯୁବତୀଙ୍କ ଏକ ଅଶ୍ଳୀଳ ଭିଡିଓକୁ ଭାଇରାଲ କରାଇବା ଫଳରେ ଯୁବତୀ ଜଣକ ଗତ ଗୁରୁବାର ସନ୍ଧ୍ୟାରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହ ଉଭୟଙ୍କର ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଡାକ୍ତରୀ ମାଇନା କରାଇଥିଲା।

## ବ୍ଲେଡ୍‌ରେ ତଣ୍ଟିକାଟି ଆକ୍ରମଣ ଘଟଣା, ୩ ଗିରଫ

ବୁଗୁଡ଼ା,୨୮।୭(ଡି.ଏନ.ଏ.)

ବୁଗୁଡ଼ା ଥାନା ପଙ୍କଲସାହିରେ ବ୍ଲେଡରେ ୨ଜଣ ଯୁବକଙ୍କ ତଣ୍ଟି କାଟିବା ଘଟଣାରେ ବୁଗୁଡ଼ା ପୋଲିସ ରବିବାର ୩ ଜଣଙ୍କୁ କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ ପଙ୍କଲସାହିର ସାଗର ନାୟକ, ମିଥୁନ ଜେନା ଓ ମଳୟ ପ୍ରଧାନ। ଏ ନେଇ ନଂ. ୧୪୮/୧୯ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶ ଯେ, ଶୁକ୍ରବାର ରାତି ପ୍ରାୟ ୯ଟାରେ ପଙ୍କଲସାହି ନିକଟ ଏକ ବିଶ୍ରାମାଗାରରେ ଉକ୍ତ ୩ ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ବସିଥିଲେ। ଏହି ସମୟରେ ବି.ବ୍ରହ୍ମପୁର ଗ୍ରାମର ଅମର ବେହେରା, ରାମ ବେହେରା ଓ କଳକୀ ପଲାଇ ସେଠାରେ ପହଞ୍ଚିବା ପରେ ପୂର୍ବ ଶତ୍ରୁତାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଓ ହାତାହାତି ହୋଇଥିଲା। ପଙ୍କଲସାହିର ୩ ଯୁବକ ଅମର ଓ ରାମଙ୍କୁ ଧରି ବ୍ଲେଡରେ ତାଙ୍କର ତଣ୍ଟି କାଟିଦେଇ ଫେରାର ହୋଇଯାଇଥିଲେ। ଏହି ସମୟରେ କଳକୀ ଘଟଣାସ୍ଥଳରୁ ଦୌଡ଼ି ପଳାଇ ଆସି ଶନିବାର ଥାନାରେ ଅଭିଯୋଗ କରିଥିଲେ। ଗୁରୁତର ଅବସ୍ଥାରେ ଅମର ଓ ରାମଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ


ଛାତ୍ରୀଛାତ୍ର ଓ ଶିକ୍ଷକ ଚାରା ଧରି ଯାଉଛନ୍ତି।

ବେଗୁନିଆପଡ଼ା,୨୮।୭(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ କେ. ବରିଡ଼ା ସ୍ଥିତ ଅମରେଶ୍ୱର ବିଦ୍ୟାପୀଠ ପରିସରରେ ପିଲାଟିଏ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କିଶୋର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗଛ ବଣ୍ଟନ କରାଯାଇ ଗଛକୁ ଲଗାଇ ନିଜେ ତାହାର ଯତ୍ନ ନେବା ପାଇଁ କହିଥିଲେ। ଏହା ସହିତ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରଜିତ ସାହୁଙ୍କ ସମେତ ଉଭୟ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୧ ଗିରଫ

ପାଟପୁର,୨୮।୭(ଡି.ଏନ.ଏ.)

ପାଟପୁର ଥାନା ଡେଙ୍ଗାଓସ୍ତା ଓ ଖଜୁରିପଦା ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡାରୁ ଶନିବାର ପୋଲିସ ୧୧ ଜଣଙ୍କୁ ଗିରଫ କରିଛି । ସେଠାରୁ ଦୁଇ ମୁଠା ତାସ, ୨୧ ହଜାର ଟଙ୍କା ଜବତ ହୋଇଛି । ଡେଙ୍ଗାଓସ୍ତାର ମଣ୍ଡପ ଓ ଖଜୁରିପଦାର କୋଠ ଘର ବାରଣ୍ଡାରେ ଜୁଆଖେଳ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ନଂ. ୧୪୮/୧୯, ୧୪୯/୧୯ ଦୁଇଟି ମାମଲା ରୁଜୁକରାଯାଇଥିବା ପାଟପୁର ଥାନାଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି।

## ଲକ୍ଷାଧିକ ଟଙ୍କା ଲୁଟିଲେ ଦୁର୍ବୃତ୍ତ

ଗୋପାଳପୁର,୨୮।୭

ଗୋଳନ୍ଥରା ଥାନାଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ବୃଦ୍ଧି ପାଇବାରେ ଲାଗିଛି। ଶନିବାର ମଧ୍ୟରାତ୍ରିରେ ଦୁର୍ବୃତ୍ତମାନେ ଦୁଇଟି ଘରୁ ଚୋରି କରିଥିବା ବେଳେ ଅନ୍ୟ ୨ ଘରୁ ଚୋରି ଉଦ୍ୟମ କରି ବିଫଳ ହୋଇଛନ୍ତି। ଉକ୍ତ ଥାନା ଗୋବିନ୍ଦପୁର ଗ୍ରାମରେ ପ୍ରଫୁଲ୍ଲ ଦାସଙ୍କ ଘରୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ସହ ତାଙ୍କ ସ୍ତ୍ରୀଙ୍କ ବେକରୁ ମାଳି ନେଇ ଚମ୍ପଟ ମାରିଛନ୍ତି। ପରେ ତାଙ୍କ ପଡ଼ୋଶୀ ଟି. ଲକ୍ଷ୍ମୀଙ୍କ ଘରୁ ମୂଲ୍ୟବାନ କାଗଜପତ୍ର, ଟିଭି ନେଇଯାଇ ପ୍ରଫୁଲ୍ଲଙ୍କ ଘର ପଛପଟେ ଫିଙ୍ଗି ଚାଲି ଯାଇଥିଲେ। ଏ ନେଇ ପ୍ରଫୁଲ୍ଲଙ୍କ ପୁଅ ବାବୁଲା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ରବିବାର ପୋଲିସ ଘଟଣାର ତଦନ୍ତ କରିବା ସହ ନଂ. ୧୮୨/୧୯ରେ ମାମଲା ରୁଜୁ କରିଛି। ପ୍ରଫୁଲ୍ଲ ପରିବାରଙ୍କ ସହ ରାତିରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ ପଛ କବାଟ ଭାଙ୍ଗି ଆଲମିରାରୁ ଟଙ୍କା ଓ ତାଙ୍କ ସ୍ତ୍ରୀ ବେକରୁ ମାଳି ଛିଣ୍ଡାଇ ନେଇଥିଲେ। ସେହିପରି ଉକ୍ତ ଗ୍ରାମର ଧୋବା ଦାସ ପରିବାର ସହ ରାତିରେ ଘରେ ଶୋଇଥିବା ସମୟରେ ଦୁର୍ବୃତ୍ତମାନେ ଘର ପଛପଟ କବାଟ ଭାଙ୍ଗୁଥିଲେ। ଧୋବା ଉଠି ପଡ଼ିବାରୁ ସେମାନେ ଚମ୍ପଟ ମାରିଥିଲେ। ପରେ ସିଏଚ୍ ଚେନ୍ନାୟାଙ୍କ ଘର ପଛ କବାଟକୁ ଭାଙ୍ଗି ଦେଇଥିଲେ।

# ପାରିବାରିକ କଳହରୁ ସଂଘର୍ଷ, ଦୁଇ ଭାଇ ଗୁରୁତର

ଦିଗପହଣ୍ଡି,୨୮।୭(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତ ରାଜପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ରକରି ରବିବାର ସାନଭାଇର କାତି ଚୋଟରେ ବଡଭାଇ ଗୁରୁତର ହୋଇଛନ୍ତି। ସେହିପରି ବଡ଼ଭାଇର ମାଡରେ ସାନଭାଇ ଆହତ ହୋଇଛନ୍ତି। ବଡ଼ଭାଇ ହେଲେ ପ୍ରଭାକର ବିଷୋୟୀ ଓ ସାନଭାଇ ବୁଲୁ ବିଷୋୟୀ। ସୂଚନାପ୍ରକାରେ, ବାପା ରାଜୁ ବିଷୋୟୀ ତାଙ୍କ ଘରକୁ ୩ ପୁଅଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟି ଦେଇଥିଲେ। କିନ୍ତୁ ମଝିଆ ପୁଅ ପ୍ରଭାକର ଓ ସାନପୁଅ ବୁଲୁଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା। ରବିବାର ସକାଳ ପ୍ରାୟ ୭ଟାରେ ପ୍ରଭାକର ଘର କାମ କରୁଥିବା ବେଳେ ବୁଲୁ ଘରର ଅଳିଆ ଆବର୍ଜନା ଆଣି ପ୍ରଭାକରଙ୍କ ଘର ବାରିପଟେ ପକାଇଥିଲେ। ଏଥିରେ ପ୍ରଭାକର ବୁଲୁଙ୍କୁ ତାଗିଦ କରିବାରୁ ବୁଲୁ ରାଗିଯାଇ ପ୍ରଭାକର ଓ ତାଙ୍କ ପରିବାରବର୍ଗଙ୍କୁ ଗାଳିଗୁଲଜ କରିବା ସହ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସ୍ଥାନୀୟ ଲୋକେ ଛଡ଼ାଛଡ଼ି କରିବାରୁ ସେମାନେ ନିଜ ଘରକୁ ଚାଲି ଯାଇଥିଲେ। ହେଲେ ଅପରାହ୍ନ ପ୍ରାୟ ୪ଟାରେ ପ୍ରଭାକର ପୋଖରୀକୁ ଗାଧୋଇବା ପାଇଁ ଯିବା ସମୟରେ ପୂର୍ବରୁ ଗାଁ ମନ୍ଦିର ନିକଟରେ ଛକି ରହିଥିବା ବୁଲୁ ଏକ ଲୁହା କାତି ସାହାଯ୍ୟରେ ପ୍ରଭାକରଙ୍କୁ ପଛପଟୁ ଆକ୍ରମଣ କରିଥିଲେ। ପ୍ରଭାକର ରାସ୍ତା କଡ଼ରେ ପଡ଼ିଥିବା ଏକ ବାଉଁଶ ମୂଳିରେ ସାନଭାଇଙ୍କ ମୁଣ୍ଡକୁ ମାଡ ମାରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଭୟଙ୍କୁ ଲୋକେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟେ ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଇଆଇସି ଗୌରାଙ୍ଗ ଚରଣ ସାହୁ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି।

## ଆମ ପୋଲିସ ସମିତି ବୈଠକ

ଗୋପାଳପୁର,୨୮।୭

ଗୋପାଳପୁର ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଶିଶୁ ମହିଳା ଡେସ୍କ କକ୍ଷରେ ସ୍ଥାନୀୟ ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନସାଧାରଣ ଓ ବରିଷ୍ଠ ନାଗରିକମାନଙ୍କୁ ଥାନାଧିକାରୀ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ନକଲି ପୋଲିସର ପରିଚୟ ଦେଇ ଲୁଟପାଟ, ସାଇବର କ୍ରାଇମ ଓ ଗାଡ଼ି ଚଳାଇବା ବେଳେ ହେଲମେଟ ଏବଂ ଗାଡ଼ିର ଠିକ୍ କାଗଜପତ୍ର ରଖି ଗାଡ଼ି ଚଳାଇବାକୁ ପୋଲିସ ସଚେତନ ମଧ୍ୟ କରିଥିଲେ। କାର୍‌ଗିଲ ଶହୀଦ ଦିବସ ଅବସରରେ ପୋଲିସ ଓ ସାଧାରଣ ଜନତାଙ୍କ ମିଳିତରେ ଥାନାରୁ ସମୁଦ୍ର ବେଳାଭୂମି ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯିବା ସହ ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏସ୍‌ଆଇ ଜ୍ଞାନ ସାହୁ, ଏଏସ୍‌ଆଇ ପୁରୁଷୋତ୍ତମ ସାହୁ, ଜ୍ୟୋତିଷ ବେହେରା, ଅଜୟ ଶତପଥୀଙ୍କ ସମେତ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ।

# ରାସ୍ତାକଡ଼ରୁ ଗଛକଟା ନେଇ ଉତ୍ତେଜନା

ହିଞ୍ଜିଳିକାଟୁ, ୨୮।୭(ଡ଼ି.ଏନ୍.ଏ.)

ଜାତୀୟ ରାଜପଥ ନଂ.୫୯ ହିଞ୍ଜିଳିକାଟୁ ଘୋଡ଼ାହାଡ଼ ସେତୁ ନିକଟରେ ରାସ୍ତାକଡ଼ ଗଛକୁ ବେଆଇନ ଭାବେ କଟାଯିବାକୁ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ନିକଟସ୍ଥ ଗ୍ରାମର କେତେଜଣ ମହିଳା ଜାଳେଣି ପାଇଁ ଗଛ କାଟୁଥିବା ବେଳେ ତ୍ରିରଙ୍ଗା ଯୁବକ ସଂଘ ଓ ଡ଼ିସକଭରୀ ହିଞ୍ଜିଳିକାଟୁର କାହ୍ନୁ ପଣ୍ଡା, ପ୍ରଭାତ ମହାରଣା, କିରଣ ପୃଷ୍ଟି ଓ ଅନ୍ୟ ସଦସ୍ୟ ମାନେ ଏହାର ପ୍ରତିବାଦ କରିଥିଲେ। ଏ ନେଇ ହିଞ୍ଜିଳି ଥାନାକୁ ଖବର ଦିଆଯାଇଥିଲା। ୨ଜଣ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ତାଗିଦ କରିଥିଲେ। ପରେ ଚେରମାରିଆ ରେଞ୍ଜ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କଟା ଯାଇଥିବା ଗଛକୁ ଜବତ କରିଛନ୍ତି। ଚଳିତ ବର୍ଷ ଉଭୟ ଅନୁଷ୍ଠାନ ହିଞ୍ଜିଳିକାଟୁ ପୌରାଞ୍ଚଳ ଓ ବ୍ଲକର ବିଭିନ୍ନ ସ୍ଥାନରେ ଚାରାରୋପଣ ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଚାରାରୋପଣ ନିମନ୍ତେ ବିଭିନ୍ନ ସ୍ତରରେ ସଚେତନତା ସତ୍ତ୍ୱେ କିଛି ଅଞ୍ଚଳରେ ପାହାଡ଼, ଜଙ୍ଗଲ ଓ ରାସ୍ତା କଡ଼ରୁ ମୂଲ୍ୟବାନ ଗଛ ସହ ଜାଳେଣି ପାଇଁ ଅବାଧରେ ଗଛ କଟା ଚାଲିଛି। ବନ କର୍ମଚାରୀମାନେ ଏହାକୁ ରୋକି ପାରୁ ନ ଥିବା ଅଭିଯୋଗ ହୋଇଛି । କେନ୍ଦ୍ର ସରକାରଙ୍କ ଉଜ୍ଜ୍ୱଳା ଯୋଜନାରେ ମାଗଣା ଗ୍ୟାସ ବଣ୍ଟନ ହିଞ୍ଜିଳି ଅଞ୍ଚଳରେ ସଫଳ ହୋଇ ନ ଥିବାରୁ ଲୋକେ କାଠ କାଟୁଥିବା ପୂର୍ବତନ ଓକିଲ ସଂଘ ସଭାପତି ରାମଚନ୍ଦ୍ର ମହାପାତ୍ର କହିଛନ୍ତି।


ରାସ୍ତା କଡ଼ ଗଛ କଟାକୁ ପରିବେଶ ପ୍ରେମୀଙ୍କ ବିରୋଧ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ